## ସଂକ୍ଷେପରେ

### ଝାଡ଼ାବାନ୍ତିରେ ଜଣେ ମୃତ

ତେନ୍ତୁଳିଖୁଣ୍ଟି, ୨୨।୮(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଖୁଣ୍ଟିପଦର ଗ୍ରାମର ଜଣେ ଝାଡାବନ୍ତି ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଭଣ୍ଡରୁ ସାନ୍ତା। ଗାଁର ରଅତି ସାନ୍ତା, ରାମି ସାନ୍ତା ଓ ଡ଼ମଏ ସାନ୍ତା ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ତେନ୍ତୁଳିଖୁଣ୍ଟି ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ପୂର୍ବରୁ ମଞ୍ଚାଗାଁର ୨ଜଣ ଆକ୍ରାନ୍ତ ତେନ୍ତୁଳିଖୁଣ୍ଟି ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ପ୍ରକାଶ ଯେ, ଭଣ୍ଡରୁ ସାନ୍ତା ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ୪ ଦିନ ତଳେ ନବରଙ୍ଗପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ଭଣ୍ଡରୁ ସାନ୍ତାଙ୍କ ମୃତ୍ୟୁ ସମ୍ପର୍କରେ ସିଡିଏମ୍‌ଓ ଡା କାଳିପ୍ରସାଦ ବେହେରାଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଅବଗତ ନ ଥିବା କହିଛନ୍ତି। ପୁଣି ଝାଡାବାନ୍ତି ବ୍ୟାପୁ ଥିବାରୁ ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

### ଗଣେଶ ଚତୁର୍ଥୀ ପାଳନ ପ୍ରସ୍ତୁତି ବୈଠକ

ନବରଙ୍ଗପୁର,୨୨।୮(ବି.ପ୍ର.)- ନବରଙ୍ଗପୁର ରାଜୁସାହିସ୍ଥିତ ସିଦ୍ଧି ବିନାୟକ ମନ୍ଦିର ସମ୍ମିଳନୀ କକ୍ଷରେ ଗଣେଶ ଚତୁର୍ଥୀ ପାଳନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କରୋନା କଟକଣାରେ ୨ ବର୍ଷ ଧରି ଏହା ବିନା ଭକ୍ତରେ ପାଳନ କରାଯାଇଥିଲା। କିନ୍ତୁ ଚଳିତ ବର୍ଷ ଧୁମଧାମରେ ପୂଜା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ପୂଜା ୫ଦିନ ଧରି ଚାଲିବ । ପ୍ରଥମ ଦିନରେ ସମସ୍ତ ଭକ୍ତଙ୍କୁ ବୁନ୍ଦି ଲଡୁ ଦିଆଯିବ। ଶେଷଦିନ ସହରର ସମସ୍ତ ଜନସାଧାରଣଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା ହେବ। ଦ୍ୱିତୀୟ ଦିନରେ ଭଜନ ସନ୍ଧ୍ୟାର ଆୟୋଜିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ମନ୍ଦିର କମିଟି ସଭାପତି ଶମ୍ଭୁ ସାହୁ, ସମ୍ପାଦକ ଶାନ୍ତନୁ କୁମାର ପାତ୍ର, ଅନନ୍ତ ପଣ୍ଡା, ସିଲୁ ମିଶ୍ର, ବିକ୍ରମ ପରିଚ୍ଛା, ବି.ଶ୍ରୀରାମ, ଗଣେଶ ଦାସ, ବି. ପ୍ରସାଦ, ତ୍ରିପତି ନାୟକ, ମୃତ୍ୟୁଞ୍ଜୟ ମହାରଣା, ବିଷ୍ଣୁ ସୁବୁଦ୍ଧି, ଇ.ସରଣଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବୈଠକ ଶେଷରେ ସମ୍ପାଦକ ଶାନ୍ତନୁ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଆଦିବାସୀ ନେତା ହରିବନ୍ଧୁଙ୍କ ଉଦ୍ଦେଶ୍ୟରେ ଶୋକସଭା

ମୁନିଗୁଡ଼ା,୨୨।୮(ଡି.ଏନ୍.ଏ.)- ଆଦିବାସୀ ନେତା ତଥା ଅଖିଳ ଭାରତ କିଶାନ ମଜଦୁର୍ ସଭାର ଜିଲା ସମ୍ପାଦକ ହରିବନ୍ଧୁ କାଡ୍ରାକାଙ୍କ ସ୍ମୃତିରେ ରବିବାର ମୁନିଗୁଡା ବ୍ଲକ ଲଟାଗୁଡ଼ା ଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁନିଗୁଡ଼ା ତଥା ଆଖପାଖ ବ୍ଲକର ବିଭିନ୍ନ ଗ୍ରାମରୁ ଲୋକ ଯୋଗଦେଇ ହରିବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗୁରୁତର ଅସୁସ୍ଥତା କାରଣରୁ ଅଗଷ୍ଟ ୧୦ ରେ ହରିବନ୍ଧୁଙ୍କ ପରଲୋକ ଘଟିଥିଲା। ଏଆଇକେଏମ୍ଏସ୍ ନେତା କନୀନ୍ଦ୍ର ଜାଲିକାଙ୍କ ଅଧକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ କିଶାନ ମଜଦୁର୍ ସଭାର ଜାତୀୟ ସମ୍ପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ହରିବନ୍ଧୁ ରାୟଗଡ଼ା ଜିଲ୍ଲାରେ ଗରିବ ଜନତାଙ୍କ ସ୍ୱର ଥିଲେ ଏବଂ ତାଙ୍କ ନେତୃତ୍ୱରେ ଗରିବ ଲୋକେ ଜମି, ଜଙ୍ଗଲ ଅଧିକାର ପାଇଁ ଆନ୍ଦୋଳନ କରି ଆସୁଥିଲେ। ନିୟମଗିରି ଆନ୍ଦୋଳନରେ ମଧ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୁମିକା ରହିଥିଲା ବୋଲି କହିଥିଲେ।

# ନିର୍ଦ୍ଧାରିତ ସମୟରେ ହେଲାନି ସମାଧାନ, ଧାରଣାରେ କ୍ଷତିଗ୍ରସ୍ତ

- ଜଙ୍ଗଲ ଜମିରେ ମକା ଫସଲ ଫସଲ ନଷ୍ଟ, ଘରପୋଡି ଘଟଣା
- ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନକାରୀଙ୍କ ଧାରଣା

ନବରଙ୍ଗପୁର,୨୨।୮(ବି.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ କପସାଭଟା ଗାଁରେ ମକା ଫସଲ ନଷ୍ଟ ଓ ଘର ପୋଡି ଘଟଣାର ୧୦ ଦିନ ପରେ ମଧ ଦାବି ପୂରଣ ହୋଇପାରିଲା ନାହିଁ। ଶାନ୍ତି କମିଟି ବୈଠକ ବିଫଳ ହେବା ପରେ ପୂର୍ବ ନିଷ୍ପତ୍ତି ଅନୁଯାୟୀ ସୋମବାର କ୍ଷତିଗ୍ରସ୍ତମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି। କ୍ଷତିଗ୍ରସ୍ତ ହୋଇଥିବା ୪ଟି ଗାଁରେ ଫରେଷ୍ଟ ରାଇଟ ଆକ୍ଟ ୨୦୦୫ ଧାରା ୩ ଅନୁଯାୟୀ କମିଟି ଗଠନ କରି ସମସ୍ୟାର ସମାଧାନ କରିବାକୁ ଆଇଟିଡିଏ ପିଏ ଅଭିମନ୍ୟୁ ମାଝି ଉମରକୋଟ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦ ଦିନ ମଧ୍ୟରେ ଏହା ପାଳନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେବା ପରେ ରାତ୍ର ୭ଟା ୪୫ରେ ଆନ୍ଦୋଳନ ହଟିଥିଲା।

ରାଷ୍ଟ୍ରୀୟ କୃଷକ ମଜଦୁର ଜିଲା ସଙ୍ଗଠନ, ଆଦିବାସୀ ଅଧିକାର ମଞ୍ଚ ଜିଲା ସଙ୍ଗଠନ, କପସାଭଟା,ସାରିଆଭଟା,ସେମାଲଧରା ଓ ଲାକଟିପକନା ଲୋକେ ନବରଙ୍ଗପୁର ଚାଉଁରିଆଗୁଡା ନିକଟରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ। ଏହାପରେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ ।


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିବା କ୍ଷତିଗ୍ରସ୍ତମାନେ।

ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ସମନ୍ୱିତ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ପ୍ରକଳ୍ପ ପ୍ରଶାସକ, ଆସିଏଫ୍ ଧନୁର୍ଯ୍ୟାୟ ମହାପାତ୍ର ଓ ଅତିରିକ୍ତ ଏସ୍‌ପି ଜୟକୃଷ୍ଣ ବେହେରା ଧାରଣା ସ୍ଥଳକୁ ଆସିଥିଲେ। ଆନ୍ଦୋଳନକାରୀମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ୧୦ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଦେଇଥିଲେ। ପ୍ରତି ବ୍ଲକରେ ଡବ୍ଲୁଇଓମାନଙ୍କୁ ଜିଲାପାଳ ଫରେଷ୍ଟ ରାଇଟ କମିଟି ଗଠନ ପାଇଁ ନିର୍ଦ୍ଦେଶ ଦିଅନ୍ତୁ। ନିର୍ଦ୍ଦେଶନାମା ଜନସାଧାରଣ ଜାଣିବା ପାଇଁ ଅପଲୋଡ଼ କରାଯାଉ ବୋଲି ଆନ୍ଦୋଳନକାରୀମାନେ କହିଥିଲେ। ଦାବି ପୂରଣ ପରେ ହିଁ ଆନ୍ଦୋଳନ ହଟିବ ବୋଲି ରାଷ୍ଟ୍ରୀୟ କିଷାନ ମଜଦୁର ମହାସଂଘ ସଭାପତି ଦିବାକର ପୂଜାରୀ, ଆଦିବାସୀ ଅଧିକାର ମଞ୍ଚ ଜିଲା ସଭାପତି ରାଜେଶ ଜାନି କହିଛନ୍ତି। ଏବେ ଯାଏ ପ୍ରକୃତ ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ। ଏତଲାରେ ଦର୍ଶାଯାଇଥିବା ଅଭିଯୁକ୍ତଙ୍କୁ ଗିରଫ, କପସାଭଟା ଗାଁ ଲୋକଙ୍କୁ ପୋଲିସ ସୁରକ୍ଷା ଯୋଗାଯାଉ ବୋଲି ଦାବି କରାଯାଇଛି। ଏଥିସହ ଗାଁକୁ ରାସ୍ତା, ପାନୀୟଜଳ ଓ ବିଦ୍ୟୁତ ସଂଯୋଗ ଦାବି ହୋଇଛି। ଯେଉଁ ବ୍ୟକ୍ତିମାନେ ଜଙ୍ଗଲ ଜମି ସ୍ୱତ୍ୱାଧିକାର ପଟ୍ଟା ପାଇଛନ୍ତି ସମ୍ପୃକ୍ତ ବିଭାଗ ପକ୍ଷରୁ ଜମି ଓ ପରିସୀମା ଠିକ ଭାବେ ଚିହ୍ନଟ, ଦୀର୍ଘ ବର୍ଷ ଧରି ଚାଷ କରି ଆସୁଥିବା ଜମିର ପଟ୍ଟା ପ୍ରଦାନ, ଫସଲ ନଷ୍ଟ ହୋଇଥିବା ବ୍ୟକ୍ତିଙ୍କ ବ୍ୟାଙ୍କ ଋଣ, ଲ୍ୟାମ୍ପସ ଋଣ ଛାଡ଼ କରିବାକୁ ଦାବି ହୋଇଛି। ବ୍ଲକ, ଉପଖଣ୍ଡ ଓ ଜିଲାସ୍ତରରେ ଆବେଦନ କରାଯାଇଥିବା ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଏବଂ ଜଙ୍ଗଲ ଜମି ସ୍ୱତ୍ୱାଧିକାର ଦରଖାସ୍ତ ତୁରନ୍ତ ଫଇସଲା, ଗୋଷ୍ଠୀଗତ ଅଧିକାର ପ୍ରଦାନ ସମୟରେ ଜଙ୍ଗଲ ନିକଟସ୍ଥ ଅନ୍ୟ କୌଣସି ଗାଁର ପାରମ୍ପରିକ ଭାବେ ବ୍ୟବହାର ଅଧିକାର ରହିଛି ସେଥି ପ୍ରତି ଦୃଷ୍ଟି ଦିଆଯାଉ ବୋଲି ଦାବି ହୋଇଛି। ପୂର୍ବରୁ କରାଯାଇଥିବା ଦାବି ଯଥା ଗାଁ ଲୋକଙ୍କୁ ପକ୍କା ଘର, ଫସଲ ନଷ୍ଟ କରିଥିବା ଅଭିଯୁକ୍ତଙ୍କୁ ଗିରଫ, ବନ ସୁରକ୍ଷା ସମିତିକୁ ରଦ୍ଦ କରି ନୂତନ କମିଟି ଗଠନ କରିବାକୁ କୁହାଯାଇଛି। ଏହି ଧାରଣାବେଳେ ଆଦିବାସୀ ଜନଜାତି ଅଧିକାର ମଞ୍ଚ ଅଧକ୍ଷ ହରବତୀ ଗଣ୍ଡ, ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ସହ ସମ୍ପାଦକ ସଲିମଧର ଜାନି, ଉପସଭାପତି ନୂଆଖାଉ ଭତରା, ଓଡ଼ିଶା କୃଷକ ସଭା ସଭାପତି ସବି ସାନ୍ତା, ସମ୍ପାଦକ ପୁରୁଷୋତ୍ତମ ସାନ୍ତା, ସମ୍ପାଦକ ରବି ସାନ୍ତା ଓ ଅଦୁ ସାନ୍ତା ଓ ଝରିଗାଁ ବ୍ଲକ ଚିଟାବେଡା ସରପଞ୍ଚ ପଦ୍ମନ ସାନ୍ତାଙ୍କ ସମେତ ଶତାଧିକ କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## କାଜୁବାଡ଼ରୁ ଝୁଲନ୍ତା ମୃତଦେହ ଜବତ

ପାପଡାହାଣ୍ଡି, ୨୨।୮(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ଥାନା ନୀଳଗୁଣ୍ଡିଗୁଡା କାଜୁ ବାଡ଼ରୁ ସୋମବାର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତ ଦେହ ମିଳିଛି। ସେ ହେଲେ ତେନ୍ତୁଳିଖୁଣ୍ଟି ବ୍ଲକ ବଡ଼ ତାରାଗୁଡ଼ାର ରଘୁ ଗୌଡ଼। ସୋମବାର ସକାଳୁ ରଘୁ ଘରୁ ବାହାରିଥିଲେ। କାଜୁ ବାଡ଼ରେ ତାଙ୍କ ମୃତଦେହ ଦେଖି କେତେଜଣ ଲୋକ ପାପଡାହାଣ୍ଡି ପୋଲିସକୁ ଖବର ଦେଇ ଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। କେସ୍ ନଂ. ୧୨/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ରଘୁଙ୍କ ମାନସିକ ସ୍ୱାସ୍ଥ୍ୟାବସ୍ଥା କିଛି ଦିନ ହେଲା ଠିକ ନ ଥିବା ତାଙ୍କ ସାନ ଭାଇ କହିଛନ୍ତି।

## ବିଦ୍ୟୁତ ଆଘାତରେ ଛାତ୍ର ମୃତ

ତେନ୍ତୁଳିଖୁଣ୍ଟି, ୨୨।୮(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କଣ୍ଟାଗାଁ ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଛାତ୍ର ଓ ଗୋଟିଏ ମଇଁଷିର ମୃତ୍ୟୁ ହୋଇଛି। ମୃତକ ହେଲେ ଗାଁର ରୁନା ହରିଜନ। ସେ ଯୁକ୍ତ ୩ ପଢୁଥିଲେ। ବେଣୁଧର ନାୟକଙ୍କ ନିର୍ମାଣାଧୀନ ଘରର ତାର ବାଡ଼ରେ ଏକ ମଇଁଷି ପଶି ଯାଇଥିଲା। ମଇଁଷିଟି ଛଟପଟ ହେଉଥିବା ଦେଖି ତାକୁ ଉଦ୍ଧାର କରିବାକୁ ରୁନା ବାଡ଼ ଭିତରେ ପଶୁଥିବାବେଳେ ବିଦ୍ୟୁତ୍ ଆଘାତ ଲାଗିଥିଲା। ଘଟଣା ସ୍ଥଳରେ ହିଁ ମଇଁଷି ଓ ରୁନାଙ୍କ ମୃତ୍ୟୁ ହୋଇଯାଇଛି। ଖବରପାଇ ପୋଲିସ ଓ ରାଜସ୍ୱ ଅଧିକାରୀ ପହଞ୍ଚି ଥିଲେ। ପୋଲିସ ଘଟଣାର ତଦନ୍ତ କରୁଛି।

# ଅଭିଯୋଗ ଶୁଣିଲେ, ସହାୟତା ଦେଲେ

**ରାଇଘର ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର**

ରାଇଘର, ନବରଙ୍ଗପୁର, ୨୨।୮(ଡି.ଏନ୍.ଏ/ବି.ପ୍ର.)

ନବରଙ୍ଗପୁର ଜିଲା ରାଇଘର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୩୫ ଜଣଙ୍କର ଅଭିଯୋଗ ପତ୍ର ପଞ୍ଜିକୃତ ହୋଇଥିଲା। ସେଥିରେ ୧୪ଟି ଗୋଷ୍ଠୀ ଗତ ଓ ୨୧ଟି ବ୍ୟକ୍ତିଗତ ଆପତ୍ତି ଅଭିଯୋଗ ଥିଲା। ଏଥିରେ ରାସ୍ତା ନିର୍ମାଣ ଓ ମରାମତି, ଶିକ୍ଷା


ଜିଲାପାଳ ଜମି ପଟ୍ଟା ପ୍ରଦାନ କରୁଛନ୍ତି।

ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା, ବାର୍ଦ୍ଧକ୍ୟ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ, ବିଦ୍ୟୁତ୍ ସେବା, ଜମିଜମା ସଂକ୍ରାନ୍ତୀୟ ଅଭିଯୋଗର ଆପତ୍ତି ଅଭିଯୋଗ ଶୁଣାଣି ଜିଲାପାଳ ଡକ୍ଟର କମଳ ଲୋଚନ ମିଶ୍ର କରିଥିଲେ। ସମସ୍ୟା ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୩ଟି ହ୍ୱିଲ ଚେୟାର, ୭ଟି ଟ୍ରାଇ ସାଇକଲ ଏବଂ ୪୦ ସ୍କୁଲ ପଟ୍ଟା ଜିଲାପାଳ ପ୍ରଦାନ କରିଥିଲେ। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଏସ୍.ସୁଶ୍ରୀ, ମୁଖ୍ୟ ଉନ୍ନୟନଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ରତ୍ନାକର ସାହୁ, ଉପଜିଲାପାଳ ପ୍ରଶାନ୍ତ ରାଉତ, ସ୍ଥାନୀୟ ଗୋଷ୍ଠି ଉନ୍ନୟନ ଅଧିକାରୀ, ତହସିଲଦାର ପଞ୍ଚାୟତ ସମିତି ଅଧକ୍ଷ ରାଇଘରଙ୍କ ସମେତ ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

## ମହିଳା ସଶକ୍ତୀକରଣ ଆଇନ ସଚେତନତା ଶିବିର

ଉମରକୋଟ, ୨୨।୮(ସ୍ୱ.ପ୍ର.)

ଉମରକୋଟ ବ୍ଲକ ସମ୍ମିଳନୀ କକ୍ଷରେ ଉମରକୋଟ ତାଲୁକ୍ ଆଇନସେବା ପ୍ରାଧିକରଣ ପକ୍ଷରୁ ମହିଳା ସଶକ୍ତୀକରଣ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ତାଲୁକ ଆଇନସେବା ପ୍ରାଧିକରଣ ଅଧକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ୍ ସୁନୀଲ କୁମାର ଦାସ ମୁଖ୍ୟ ଅତିଥି, ସବ୍‌ଜଜ୍ ନିରଞ୍ଜନ ପାତ୍ର, ସରକାରୀ ଓକିଲ ଝାଡେଶ୍ୱର ମହାନ୍ତି, ତାଲୁକ୍ ଆଇନସେବା ପ୍ରାଧିକରଣ ସଭ୍ୟ କାଜମ ମାଦାନି ଓ ଅଶୋକ କୁମାର ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ




ଯୋଗଦେଇଥିଲେ। ଅତିଥିମାନେ ମହିଳାଙ୍କ ସୁରକ୍ଷା ପାଇଁ ଥିବା ରାଜ୍ୟ ସରକାରଙ୍କ ସମସ୍ତ ଆଇନ, ସୁବିଧା ସମ୍ପର୍କରେ ଉପସ୍ଥିତ ମହିଳାଙ୍କୁ ସଚେତନ କରାଇଥିଲେ। ଏହି ଶିବିରରେ ଉମରକୋଟ ଓକିଲ ରାମ ନାୟକ, ସିଡିପିଓ, ସମସ୍ତ ସୁପରଭାଇଜର, ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ ସହ ବହୁସଂଖ୍ୟାରେ ମହିଳାଙ୍କ ସମେତ କୋର୍ଟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ପ୍ରକଳ୍ପ ଶିଳାନ୍ୟାସ, ଉଦ୍‌ଘାଟନ କଲେ ବିଧାୟକ


ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଜଗନ୍ନାଥପୁର କଲ୍ୟାଣ ମଣ୍ଡପର ଶୁଭ ଉଦ୍‌ଘାଟନ କରୁଛନ୍ତି।

ନନ୍ଦାହାଣ୍ଡି,୨୨।୮(ଡି.ଏନ୍.ଏ.)

ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ସୋମବାର ନନ୍ଦାହାଣ୍ଡି ବ୍ଲକର ବହୁ ଉନ୍ନୟନମୂଳକ କାର୍ଯ୍ୟ ଉଦ୍‌ଘାଟନ କରିଛନ୍ତି। ସିନ୍ଧିଗୁଡ଼ା ପଞ୍ଚାୟତ ଦଳେଇଗୁଡ଼ା ଏବଂ ପୋଡ଼ାଲଗୁଡ଼ା ପଞ୍ଚାୟତର ନୂଆଗୁଡ଼ାରେ ଦୁଇଟି ଅଙ୍ଗନୱାଡି ଗୃହ, ନନ୍ଦାହାଣ୍ଡି ପଞ୍ଚାୟତରେ ମିଶନ ଶକ୍ତି ଗୃହର ଉଦ୍‌ଘାଟନ ପରେ ନନ୍ଦାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ୧୪ ବିଦ୍ୟାଳୟକୁ ସ୍ଥାୟୀ ପଟ୍ଟା ଏବଂ ଦିବ୍ୟାଙ୍ଗଙ୍କୁ ହ୍ୱିଲ ଚେୟାର ସେ ବଣ୍ଟନ କରିଛନ୍ତି। ରାଜ୍ୟ ସରକାରଙ୍କ ଅନୁଦାନରେ ଜଗନ୍ନାଥପୁର ପଞ୍ଚାୟତରେ ୩୫ ଲକ୍ଷ ଟଙ୍କା ବ୍ୟୟରେ ହୋଇଥିବା କଲ୍ୟାଣ ମଣ୍ଡପର ଶୁଭ ଉଦ୍‌ଘାଟନ କରିଛନ୍ତି। ଡଙ୍ଗରଭେଜା ପଞ୍ଚାୟତ ସରୁଗୁଡ଼ା ଏବଂ ଝାଡ଼ବନ୍ଧଗୁଡ଼ା ପଞ୍ଚାୟତର ବର୍ଷା ଦ୍ୱାରା କ୍ଷତିଗ୍ରସ୍ତ ଲୋକଙ୍କୁ ପଲିଥିନ ବଣ୍ଟନ କରିଛନ୍ତି। ଜଗନ୍ନାଥପୁରରେ ପଞ୍ଚାୟତ ଗୃହ ପାଇଁ ଶିଳାନ୍ୟାସ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ପ୍ରତିନିଧି ସଦାଶିବ ସାହୁ, ବିଧାୟକ ପ୍ରତିନିଧି ଦୟାନିଧି ବିଷୋୟୀ, ନନ୍ଦାହାଣ୍ଡି ବ୍ଲକ ଉପାଧକ୍ଷା ରଶ୍ମିତା ମାଝି, ଜୋନ୍-୧ ଜିଲା ପରିଷଦ ସଭ୍ୟ ଦିବ୍ୟଦାନ ସୁନା, ଜୋନ୍-୨ ଜିଲା ପରିଷଦ ସଭ୍ୟ ଅରୁଣ ମିଶ୍ର, ଏବିଡିଓ ପ୍ରଫୁଲ୍ଲ କହଁର, ଅତିରିକ୍ତ ତହସିଲଦାର ହିମାଂଶୁ ଶେଖର ନାୟକ, ପିଇଓ ପ୍ରସନ୍ନ ବିଷୋୟୀ, ନନ୍ଦାହାଣ୍ଡି ଆଇସିଡିଏସ୍‌ର ସମସ୍ତ କର୍ମଚାରୀ ଏବଂ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ବହୁ ଉନ୍ନୟନମୂଳକ ଯୋଜନା ଲୋକଙ୍କ ନିକଟକୁ ପହଞ୍ଚାଇ ଅଞ୍ଚଳର ବିକାଶ କରାଯିବ ବୋଲି ବିଧାୟକ ପ୍ରଧାନୀ କହିଛନ୍ତି।

# 'ଭୋଟ ଦେଇ ଗଣତନ୍ତ୍ରକୁ ସୁଦୃଢ଼ କର'

କୋଡିଙ୍ଗା,୨୨।୮(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଡ଼ିଙ୍ଗା ରାଜ ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭୋଟର ସାକ୍ଷରତା କ୍ଲବ ଓ କୋଷଗୁମୁଡ଼ା ପଞ୍ଚାୟତ ସମିତିର ମିଳିତ ଆନୁକୂଲ୍ୟରେ ଏକ ଭୋଟର ସଚେତନତା କର୍ମଶାଳା ଆୟୋଜନ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କୋଡିଙ୍ଗା ତହସିଲଦାର ଶିବ ପ୍ରସାଦ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ଗ୍ରାମ ପଞ୍ଚାୟତ ଅଫିସର ତ୍ରିଲୋଚନ ଛଞ୍ଚାଣ, ଅଧାପକ ଅଖିଳ କୁମାର ଭଞ୍ଜ, ଅଧାପକ ରବି ନାରାୟଣ ପାଣିଗ୍ରାହୀ, ଦାମୋଦର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ଅଧକ୍ଷା ଅମିତା ରାୟ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଜାନୁଆରୀ ୧ସୁଦ୍ଧା ଅଠର ବର୍ଷ ହେବାକୁ ଥିବା ପିଲାମାନେ ଭୋଟର ତାଲିକାରେ ନାମ ସଂଯୋଗ ପାଇଁ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ ଅତିଥିମାନେ କହିଛନ୍ତି। ଭୋଟର କାର୍ଡ ସହ ଆଧାର ନମ୍ବର ସଂଯୋଗ କରି ନିର୍ବାଚନରେ ଭାଗନେଇ ଦେଶର ଗଣତନ୍ତ୍ରକୁ ସୁଦୃଢ଼ କରିବାକୁ ମତ ପ୍ରକାଶ ପାଇଛି।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

କାର୍ଯ୍ୟକ୍ରମ ଶେଷରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଏକ ଖୋଲା ପ୍ରଶ୍ନ ମଞ୍ଚ ସଂଯୋଜକ ଅଧାପକ ଅଖିଳ କୁମାର ଭଞ୍ଜଙ୍କ ଦ୍ୱାରା ଆୟୋଜନ କରାଯାଇଥିଲା। ଏଥିରେ ଅନୁଷ୍ଠାର ସମସ୍ତ ଅଧାପକ, କର୍ମଚାରୀ ଓ ପ୍ରାୟ ୨ଶହ ଛାତ୍ରୀଛାତ୍ର ଭାଗ ନେଇ ଥିଲେ।

# ଭୋଟର ସଚେତନତା କାର୍ଯ୍ୟକ୍ରମ

ନବରଙ୍ଗପୁର,୨୨।୮(ବି.ପ୍ର.)

ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟ ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ମହାବିଦ୍ୟାଳୟ ଯୁବ ରେଡକ୍ରସ ସଂଯୋଜିକା ଡ ସଂଯୁକ୍ତା ପଣ୍ଡା ସ୍ୱାଗତ ଅଭିଭାଷଣ ରଖିଥିଲେ। ମହାବିଦ୍ୟାଳୟ ଅଧକ୍ଷା ମାଲେଶ୍ୱରି ସାହୁ ସଭାପତିତ୍ୱ କରିଥିବାବେଳେ ନବରଙ୍ଗପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକ ଛାତ୍ରୀମାନଙ୍କୁ ନାଗରିକତା ଅଧିକାର ଓ ନୂତନ ଭୋଟ ପରିଚୟ ପତ୍ର ପାଇବା ପାଇଁ ଅନଲାଇନ୍ ଆପ୍ ବିଷୟରେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧାପିକା ଅଧାପକ ଓ ଛାତ୍ରୀମାନେ ଯୋଗ ଦେଇଥିଲେ। ଶେଷ ରେ ଜାତୀୟ ସେବା ଯୋଜନା କର୍ଯ୍ୟକ୍ରମ ଅଧିକାରୀ ସୁନୀତା ପାତ୍ର ଓ ତାରାନୁମ୍ ଆରା ଧନ୍ୟବାଦ୍ ଅର୍ପଣ କରିଥିଲେ।

# ହତ୍ୟାକାଣ୍ଡର ସିନ୍ ରିକ୍ରିଏଶନ କଲା ପୋଲିସ

**ସମ୍ପର୍କୀୟ ଭାଇଙ୍କୁ ଟାଙ୍ଗିଆରେ ହାଣି ହତ୍ୟା ପରେ ଆତ୍ମସମର୍ପଣ ଘଟଣା**

ଉମରକୋଟ, ୨୨।୮(ସ୍ୱ.ପ୍ର.)

ସମ୍ପର୍କୀୟ ଭାଇଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରି ଅଭିଯୁକ୍ତଙ୍କ ଆତ୍ମସମର୍ପଣ ଘଟଣାରେ ଉମରକୋଟ ପୋଲିସ ସୋମବାର ସିନ୍ ରିକ୍ରିଏଶନ କରାଇଛି। ଆତ୍ମସମର୍ପଣ କରିଥିବା ଅଭିଯୁକ୍ତଙ୍କୁ ଉମରକୋଟ ପୋଲିସ କଡ଼ା ସୁରକ୍ଷା ମଧ୍ୟରେ ଘଟଣାସ୍ଥଳକୁ ନେଇଥିଲା। ସେଠାରେ ଥାନାଧିକାରୀ ଦୀପକ କୁମାର ଜେନା ଅଭିଯୁକ୍ତଙ୍କଠାରୁ ହତ୍ୟା କିପରି କରିଥିଲେ ସେ ସମ୍ପର୍କରେ ଟିକିନିଖି ପଚାରି ବୁଝିଥିଲେ। ନବରଙ୍ଗପୁରରୁ ଆସିଥିବା ଫରେନ୍ସିକ ଟିମ୍ ଘଟଣା ସ୍ଥଳରେ ଉପସ୍ଥିତ ଥିଲେ। ଘଟଣାସ୍ଥଳରୁ ରକ୍ତର ନମୁନା, ଏକ ଟାଙ୍ଗିଆ, ଆହତ ରୁପନ୍ତୀ ପୂଜାରୀଙ୍କ ଭଙ୍ଗା ଚୁଡ଼ି ଓ ଜୋତା ଜବତ କରାଯାଇଛି। ମୃତ ସମଦାସ ପୂଜାରୀ ଗୁଣି ଗାରେଡି କରୁଥିବାରୁ ତାଙ୍କୁ ମାରିଛୁ ବୋଲି ଅଭିଯୁକ୍ତମାନେ ପୋଲିସ ଆଗରେ କହିଛନ୍ତି।

ରବିବାର ରାତିରେ ମୃତକ ସମଦାସଙ୍କ ୩ ସମ୍ପର୍କୀୟ ଭାଇ ଓ ଦାଦା ତାଙ୍କୁ ରାସ୍ତାରେ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ମୃତକଙ୍କ ସ୍ତ୍ରୀ ରୁପନ୍ତୀ ଏହାକୁ ଅଟକାଇବାରୁ ଅଭିଯୁକ୍ତମାନେ ତାଙ୍କ ଉପରେ ମଧ ଆକ୍ରମଣ କରିଥିଲେ। ରୁପନ୍ତୀ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ବାପା କୌଣସି ଗୁଣି ଗାରେଡ଼ି ଜାଣି ନାହାନ୍ତି ବୋଲି ସୋମଦାସଙ୍କ ଝିଅ କହିଛନ୍ତି। ଅଭିଯୁକ୍ତଙ୍କୁ ଉଚିତ୍ ଦଣ୍ଡ ଦେଇ ନ୍ୟାୟ ଦେବାକୁ ଦାବି କରିଛନ୍ତି। ଘଟଣାର ତଦନ୍ତ ଚାଲିଛି। ଏହା ପରେ ହତ୍ୟାକାଣ୍ଡର ପ୍ରକୃତ ସତ୍ୟ ଜଣାପଡିବ ବୋଲି ପୋଲିସ କହିଛି।


ଘଟଣାସ୍ଥଳରେ ପୋଲିସ ଅଭିଯୁକ୍ତଙ୍କୁ ପଚରାଉଚରା କରୁଛି।

# ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇଲେ ମହିଳା ସମିତି ସଦସ୍ୟ

ରାଇଘର, ୨୨।୮(ଡି.ଏନ୍.ଏ.)

ନୂତନଭାବେ ନିଯୁକ୍ତି ପାଇଥିବା ଆଶା କର୍ମୀଙ୍କୁ ବିରୋଧ କରି ନବରଙ୍ଗପୁର ଜିଲା ରାଇଘର ବ୍ଲକ ଜଲାଙ୍ଗପାରା ପଞ୍ଚାୟତ ଉଦୟପୁର ଡିଏନ୍‌କେ ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇଛନ୍ତି ମହିଳା ସମିତି ସଦସ୍ୟମାନେ। ଫଳରେ ଛୋଟ ଛୋଟ ପିଲାମାନେ ଅଙ୍ଗନୱାଡି କେନ୍ଦ୍ରକୁ ଯାଇପାରୁନାହାନ୍ତି।

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଜଲାଙ୍ଗପାରା ପଞ୍ଚାୟତ ଉଦୟପୁର ଡିଏନ୍‌କେ ଗ୍ରାମର ୨ ନମ୍ବର ୱାର୍ଡ ଅଙ୍ଗନୱାଡି କେନ୍ଦ୍ରରେ ଖାଲି ଥିବା ଆଶା ପଦବୀ ପାଇଁ ବିଜ୍ଞପ୍ତି ବାହାରି ଥିଲା। ଏଥିରେ ସୁଚିତ୍ରା ଦେ ଏବଂ ରଞ୍ଜିତା ହାଲଦାର ଚାକିରୀ ପାଇଁ ପକାଇଥିଲେ। ଏହି ଚାକିରୀ ସୁଚିତ୍ରାଙ୍କୁ ମିଳିଥିଲା। କିନ୍ତୁ ଗ୍ରାମବାସୀ ସୁଚିତ୍ରାଙ୍କ ନିଯୁକ୍ତିକୁ ବିରୋଧ କରିଥିଲେ। ସେ ଛତିଶଗଡ଼ରେ ବିବାହ କରିଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ସୁଚିତ୍ରା ଆସି ବାପ ଘରେ ରହୁଛନ୍ତି। ତାଙ୍କୁ କିପରି ଏହି ଚାକିରୀ ମିଳିଲା ବୋଲି ଗ୍ରାମବାସୀ ଓ ମହିଳା ସମିତି ସଦସ୍ୟମାନେ ପ୍ରଶ୍ନ କରିଛନ୍ତି। ଗ୍ରାମର ବାସବି ବିଶ୍ୱାସଙ୍କୁ ଚାକିରୀ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ବାସବିଙ୍କ ସ୍ୱାମୀଙ୍କର କରୋନାରେ ମୃତ୍ୟୁ ହୋଇଛି। ପରିବାର ଚଳାଇବାକୁ ସେ କୁଲି କାମ କରୁଛନ୍ତି। ତେଣୁ ତାଙ୍କୁ ଉକ୍ତ ଚାକିରୀ ଦିଆଯାଉ ବୋଲି ଗ୍ରାମବାସୀ କହିଛନ୍ତି। ବାସବୀଙ୍କୁ ଆଶା କର୍ମୀଭାବେ ନିଯୁକ୍ତି ନ ମିଳିବା ପର୍ଯ୍ୟନ୍ତ ଅଙ୍ଗନୱାଡି କେନ୍ଦ୍ରରୁ ତାଲା ଖୋଲାଯିବନି ବୋଲି ଗ୍ରାମବାସୀ କହିଛନ୍ତି। ଏ ନେଇ ରାଇଘର ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କୁ ପଚାରିବାରୁ ଶିକ୍ଷାଗତ ଯୋଗ୍ୟତା ସହ ବିଧବା ହୋଇଥିବାରୁ ସୁଚିତ୍ରାଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ସେ କହିଛନ୍ତି। ମହିଳା ପୋଲିସକୁ ନେଇ ଘଟଣାସ୍ଥଳକୁ ଯାଇ ଯଥାଶୀଘ୍ର ତାଲା ଖୋଲିବାକୁ ଜିଲାପାଳ ରାଇଘର ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ବିଡିଓ କହିଛନ୍ତି ।


ମହିଳା ସମିତି ସଦସ୍ୟାମାନେ ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇଛନ୍ତି।

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

ଦଶମନ୍ତପୁର,୨୨।୮( ଡି.ଏନ.ଏ.)- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଗିର୍ଲିଗୁମ୍ମା ପଞ୍ଚାୟତର କିରାଆମ୍ଭ ଗ୍ରାମର ଜ୍ୟୋତି ରଞ୍ଜନ ମୁଦୁଲି (୩୪) ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ଖବରରୁ ଜଣାପଡିଛି, ଭାଲିଆବାଡରେ ଗୋରୁ ଚରୁଥିବା ବେଳେ ସେମାନଙ୍କ ଶବ୍ଦଶୁଣି ବିଲ ଆଡକୁ ଭାଲୁ ଆସିଥିଲା। ଫଳରେ ବିଲରେ କାମ କରୁଥିବା ଜ୍ୟୋତିଙ୍କୁ ଭାଲୁ ଆକ୍ରମଣ କରିଥିଲା। ତାଙ୍କ ଚିତ୍କାର ଶୁଣି ଗୋରୁ ଚରାଳିମାନେ ଦୌଡି ଆସିବାରୁ ଭାଲୁ ପଳାଇଥିଲା। ଖବରପାଇ ଜ୍ୟୋତିଙ୍କ ଭାଇ ସୁଶାନ୍ତ ପହଞ୍ଚି ତାଙ୍କୁ ଡାକ୍ତରଖାନା ନେଇଥିଲେ। ଏବେ ସେଠାରେ ଜ୍ୟୋତି ଚିକିତ୍ସାଧୀନ ଅଛନ୍ତି।

### ନାଳରେ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

ଦଶମନ୍ତପୁର, ୨୨।୮ ( ଡି.ଏନ.ଏ.)- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଦୁଆରଶୁଣି ପଞ୍ଚାୟତର ଚନ୍ଦାଇପଦର ଗ୍ରାମରେ ନାଳରେ ଭାଶିଯାଇ ଜଣେ ବୃଦ୍ଧ ଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ସେହେଲେ ଡମ୍ବୁ ଜାନୀ (୭୫) । ରବିବାର ଡମ୍ବୁ ବଡ଼ଖୋଲାକୁ ନିଜ ବିଲକୁ ଜଗିବାକୁ ଯାଇଥିଲେ। ତାଙ୍କର ଫେରିବା ବିଳମ୍ବ ହେବାରୁ ନାତୁଣୀ ବୋହୁ ସମ୍ଧାରି ଅପରାହ୍ନ ୩ଟାରେ ତାଙ୍କୁ ଖାଇବାକୁ ଡ଼ାକିବା ପାଇଁ ଯାଉଥିବା ବେଳେ ନାଳରେ ଡମ୍ବୁଙ୍କୁ ପଡିଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେ ଭୁବନ ଜାନୀଙ୍କୁ ଜଣାଇଥିଲେ। ସରପଞ୍ଚଙ୍କଠାରୁ ସୂଚନା ପାଇ ଦଶମନ୍ତପୁର ଥାନା ଅଧିକାରୀ ବିଜୟରାଜ ମାଝୀ ଏବଂ ମୁରାନ ଫାଣ୍ଡି ଏଏସ୍ଆଇ ଭି.ଆର.ପ୍ରଦୀପ କୁମାର ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ପରେ ଏହାକୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

### ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୨୨।୮ (ନି.ପ୍ର.)- ଜୟପୁର ସଦର ପୋଲିସ ସୋମବାର ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ନୁଆଗୁଡା ଗ୍ରାମର ଶଙ୍କର ବାଘ (୩୩)। ୨୦୧୯ରୁ ଶଙ୍କରଙ୍କ ନାମରେ ଏକ ଅପରାଧିକ ମାମଲା ରହିଥିଲା। ସେବେଠାରୁ ସେ ଫେରାର ଥିଲେ ବୋଲି ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

### ମହିଳା ମାଓବାଦୀ ଗିରଫ

ମାଲକାନଗିରି,୨୨।୮ (ସ୍ୱ.ପ୍ର.)- ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ମାର୍ଜୁମ ଜଙ୍ଗଲରେ ରବିବାର ସନ୍ଧ୍ୟାରେ ଯବାନଙ୍କ କୋମ୍ବିଂ ଅପରେଶନ ବେଳେ ସେଠାରେ ସନ୍ଦେହଜନକ ଅବସ୍ଥାରେ କେତେ ଜଣ ମହିଳା ପୁରୁଷ ବୁଲୁଥିବା ଦେଖିଥିଲେ।ସେମାନଙ୍କ ନିକଟକୁ ଯବାନ ମାନେ ଯିବାବେଳକୁ ସେମାନେ ଜଙ୍ଗଲକୁ ଦୋଡି ପଳାଇଥିଲେ। ତେବେ ଯବାନ ମାନେ ଜଣେ ମହିଳାଙ୍କୁ କାବୁ କରିନେଇଥିଲେ। ତାଙ୍କୁ ପଚରାଉଚରା କରିବାରୁ ସେ ଜଣେ ମହିଳା କ୍ୟାଡରର ମାଓବାଦୀ ବୋଲି ଜଣାପଡିଥିଲା। ତାଙ୍କ ନାମ ମୁଚାକି କିଡା। ତାଙ୍କ ପାଇଁ ଛତିଶଗଡ ସରକାର ୧ ଲକ୍ଷଟଙ୍କାର ପୁରସ୍କାର ଘୋଷଣା କରିଥିବା ଜଣାପଡିଛି।

### ତାପସ ଜିଲା ଛାତ୍ର ବିଜୁ ଜନତା ଦଳ ସଭାପତି



ମାଲକାନଗିରି, ୨୨।୮ (ସ୍ୱ.ପ୍ର)- ମାଲକାନଗିରି ଜିଲା ଛାତ୍ର ବିଜୁ ଜନତା ଦଳର ସଭାପତି ଭାବେ ଛାତ୍ର ନେତା ତାପସ ନାୟକଙ୍କୁ ମନୋନୀତ କରାଯାଇଛି। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏହା ଘୋଷଣା କରିଛନ୍ତି।

### ଲାଇଫ ଲାଇନ ସମବାୟ ସମିତି ପରିଚାଳନା ସମିତି ବୈଠକ ଡାକିବାକୁ ଦାବି

ଜୟପୁର, ୨୨।୮ (ନି.ପ୍ର.)- ଜୟପୁର ଲାଇଫ ଲାଇନ ସମବାୟ ସମିତିର ସମ୍ପାଦକ ଓ କର୍ମଚାରୀଙ୍କ ଅସହଯୋଗ ମନୋଭାବ ବିରୋଧରେ ପରିଚାଳନା କମିଟି ନିର୍ଦ୍ଦେଶକମାନେ ଏଆରସିଏସ ପ୍ରାଚୀ ଜେନା ଏବଂ ଡିଆରସିଏସ ସିଏଚଭବାନୀଙ୍କୁ ଏକ ସ୍ମାରକପତ୍ର ଦେଇଛନ୍ତି। ଏଥିରେ ସମବାୟ ସମିତିର ପରିଚାଳନା ପରିଷଦ ବୈଠକ ଡାକିବା ଲାଗି ଦାବି କରାଯାଇ ସମ୍ପାଦକଙ୍କ ଅସହଯୋଗ ଯୋଗୁ ପରିଷଦର ମାସିକ ବୈଠକ ହୋଇପାରୁନାହିଁ। ସେହିପରି ସମବାୟ ସମିତି କାର୍ଯ୍ୟାଳୟ କୁ ପ୍ରତ୍ୟହ ଜମାକାରୀମାନେ ଟଙ୍କା ଫେରି ପାଇବା ନେଇ ଆସୁଥିବା ବେଳେ ସମିତ କର୍ମଚାରୀ କାର୍ଯ୍ୟାଳୟ ଖୋଲୁନାହାନ୍ତି। ଫଳରେ ଋଣ ନେଇଥିବା ବ୍ୟକ୍ତିଙ୍କଠାରୁ ଋଣ ଟଙ୍କା ଆଦାୟ ହୋଇପାରୁନାହିଁ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ସ୍ମାରକପତ୍ର ପ୍ରଦାନ ବେଳେ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ସାହୁ, ପ୍ରସନ୍ନ ସତନାମି, ଜାନକୀ ପ୍ରଧାନ, ବାବୁଲା ନାୟକ, କ୍ଷୀରମଣି ପାଇକ, ପ୍ରଫୁଲ୍ଲ ପାଳ ପ୍ରମୁଖ ଉପସ୍ଥିତ ଥିଲେ।

# ୮୦ ଲକ୍ଷ ହଡ଼ପ କରି ଆଇଓବି କ୍ୟାଶିୟର ଗିରଫ

ଜୟପୁର, ୨୨।୮ (ନି.ପ୍ର.)

ଜୟପୁରସ୍ଥିତ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ(ଆଇଓବି)ର ଜଣେ କ୍ୟାଶିୟର ୮୦ ଲକ୍ଷ ଟଙ୍କା ହଡ଼ପ କରି ସୋମବାର ଗିରଫ ହୋଇଛନ୍ତି। ସେ ହେଉଛନ୍ତି ଆର. ସନ୍ତୋଷ କୁମାର ଦୋରା। ତାଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

ଖବରରୁ ଜଣାପଡ଼ିଛି, ଜୟପୁର ଇରିଗେସନ କଲୋନୀରେ ରହୁଥିବା ଦୋରା ବୈପାରିଗୁଡା ଆଇଓବିରେ ୨୦୧୪ରୁ କ୍ୟାଶିୟର ଭାବେ କାର୍ଯ୍ୟ କରି ଆସୁଥିଲେ। ଗତ ୩ ବର୍ଷ ହେଲା ସେ କୌଣସି ଦିନ ଛୁଟି ନେଉ ନ ଥିଲେ। କିଛିଦିନ ତଳେ ଦୋରା ୩ ଦିନ ଛୁଟି ନେଇଥିଲେ। ସେହି ସମୟରେ କ୍ୟାଶିୟର ଦାୟିତ୍ୱରେ ଥିବା କର୍ମଚାରୀ ଅର୍ଥ ଅନିୟମିତତା ହୋଇଥିବା ଜାଣିବାକୁ ପାଇଥିଲେ । ଏନେଇ ସେ ବ୍ୟାଙ୍କ ପରିଚାଳକ ପ୍ରବୀର କୁମାର ପ୍ରଧାନଙ୍କୁ ଜଣାଇଥିଲେ। ପ୍ରଧାନ ଏହାର ଅନୁଧ୍ୟାନ କରି ବୈପାରିଗୁଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହାକୁ ଭିତ୍ତିକରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। କ୍ୟାଶିୟର ଦୋରା ଜମାକାରୀଙ୍କ ଟଙ୍କା ଆତ୍ମସାତ୍ କରି ଅନ୍‌ଲାଇନରେ ଜୁଆ ଖେଳୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିଲା। ଅନେକ ସ୍ୱୟଂ ସହାୟିକା ଗୋଷ୍ଠୀ ଗୁଡିକର ଟଙ୍କା ଏବଂ ଅଶିକ୍ଷିତ ବୃଦ୍ଧାବୃଦ୍ଧଙ୍କ ଟଙ୍କା ଜମା ନ କରି ଦୋରା ହଡ଼ପ କରିଥିବା ଜଣାପଡିଛି। ସେ ନିଜ ମାଆବାପାଙ୍କ ନାମରେ ଆକାଉଣ୍ଟ ଖୋଲି ଟଙ୍କା ଜମା କରିବା ସହ କେତେକ ନକଲି ଆକାଉଣ୍ଟ ମଧ୍ୟ ବ୍ୟାଙ୍କରେ ଖୋଲିଛନ୍ତି । ସେ ଜମାକାରୀଙ୍କ ଟଙ୍କା ଏବଂ ଏଟିଏମ୍‌ରେ ଜମା ଟଙ୍କାକୁ ପ୍ରଥମେ ମାଆବାପା ଏବଂ କେତେ ଜଣ ଜମାକାରୀଙ୍କ ଆକାଉଣ୍ଟକୁ ଛାଡି ପରେ ସେସବୁ ଟଙ୍କା ଅନ୍‌ଲାଇନରେ ଟ୍ରାନ୍ସଫର କରୁଥିଲେ। ଦୀର୍ଘ ୩ ବର୍ଷ ହେବ ୨ଟି ଚାବି ରଖି ଏପରି କାରବାର କରୁଥିଲେ ମଧ୍ୟ ବ୍ୟାଙ୍କ ପରିଚାଳକ ଓ ଅନ୍ୟ କର୍ମଚାରୀମାନେ କିପରି କିଛି ସୁରାକ ପାଇପାରିଲେନି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଖବର ଜଣାପଡିବା ପରେ ବିଭାଗୀୟ ତଦନ୍ତ ପାଇଁ ବ୍ରହ୍ମପୁରରୁ ଆଇଓବି ରିଜିଓନାଲ ଅଫିସର ଏକ ଟିମ୍ ଜୟପୁରରେ ପହଞ୍ଚି ତନାଘନା ଆରମ୍ଭ କରିଛି । ଅନ୍ୟପକ୍ଷରେ ଅଡିଟି ବେଳେ କ୍ୟାଶିୟର ଦୋରା ଅନ୍‌ଲାଇନ ଜୁଆ ଖେଳି ୨୮ ଲକ୍ଷ ଟଙ୍କା ଜିତି ବ୍ୟାଙ୍କରେ ଜମା କରିଥିବା ତଦନ୍ତରୁ ଜାଣାପଡଛି। ପୋଲିସ ତାଙ୍କ ଜୟପୁର ଇରିଗେସନ କଲୋନୀରେ ଚଢାଉ କରି କେତେକ ପାସ୍‌ବୁକ, ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ବାଇକ୍, ମୋବାଇଲ ଫୋନ ଜବତ କରିଛି।



ଆର. ସନ୍ତୋଷ କୁମାର ଦୋରା।

**ଜମାକାରୀଙ୍କ ଟଙ୍କାରେ ଅନ୍‌ଲାଇନରେ ଜୁଆ ଖେଳୁଥିଲେ**

- ୩ ବର୍ଷ ହେଲା ଛୁଟି ନ ନେଇ କାର୍ଯ୍ୟ କରୁଥିଲେ
- ନିକଟରେ ଛୁଟି ନେବାରୁ ଧରିଲେ ଦାୟିତ୍ୱରେ ଥିବା କର୍ମଚାରୀ
- ବିଭାଗୀୟ ତଦନ୍ତ ପାଇଁ ବ୍ରହ୍ମପୁରରୁ ପହଞ୍ଚିଲା ଏକ ଟିମ୍

# ଜୟପୁର, ଉମରକୋଟରେ ଖୋଲିବ ସୁପ୍ରିମ ଫର୍ନିଚରର ନୂଆ ଷ୍ଟୋର

ଜୟପୁର/ଉମରକୋଟ, ୨୨।୮(ନି.ପ୍ର./ସ୍ୱ.ପ୍ର.)

Supreme FURNITURE Truly Stylish

ଦେଶର ପ୍ରମୁଖ ମୋଲ୍‌ଡେଡ୍ ଫର୍ନିଚର ବ୍ରାଣ୍ଡ ସୁପ୍ରିମ ଫର୍ନିଚର ପକ୍ଷରୁ ଓଡ଼ିଶାରେ ଆଉ ୨ଟି ଏକ୍ସକ୍ଲୁସିଭ ଷ୍ଟୋର ଖୋଲିବ। ଏହା ରାଜ୍ୟରେ କମ୍ପାନୀର ୪ର୍ଥ ଏବଂ ୫ମ ସ୍ୱତନ୍ତ୍ର ଷ୍ଟୋର । ଅଗଷ୍ଟ ୨୪ରେ ଏହା ଜୟପୁରର ଗାୟତ୍ରୀ ଫର୍ନିଚର ଏବଂ ୨୫ରେ ଉମରକୋଟର ବିଏନ୍ଏମ୍ ଫର୍ନିଚର ଆନୁକୂଲ୍ୟରେ ଖୋଲିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସୁପ୍ରିମ ଫର୍ନିଚର ଏହାର ଉପସ୍ଥିତି ବୃଦ୍ଧି ଲାଗି ବର୍ତ୍ତମାନ ସମ୍ପ୍ରସାରଣ ଧାରା ଜାରି ରଖିଛି । କମ୍ପାନୀ ଏବେ ପୂର୍ବାଞ୍ଚଳରେ ୬୨ ସ୍ୱତନ୍ତ୍ର ଆଉଟଲେଟ୍ ଦ୍ୱାରା ସେବା ଯୋଗାଉଛି । ଖୋଲିବାକୁ ଥିବା ଶୋରୁମ୍‌ଗୁଡିକରେ କମ୍ପାନୀର ମୋଲ୍‌ଡେଡ୍ ଫର୍ନିଚରଗୁଡ଼ିକ ପ୍ରଦର୍ଶନ ସହ ବିକ୍ରି ସୁବିଧା ଉପଲବ୍ଧ ହେବ। ଏଠାରେ ଗ୍ରାହକ ପ୍ରିମିୟମ୍ ଡାଇନିଂ ସେଟ୍ ମଧ୍ୟ ଲାଭ ପାଇପାରିବେ । ଜୟପୁର ଏବଂ ଉମରକୋଟରେ ଉପସ୍ଥିତି ଯୋଗୁ ଏହି ସ୍ଥାନଗୁଡିକରେ କମ୍ପାନୀର ଉତ୍ପାଦ ଗ୍ରାହକଙ୍କ ନିକଟରେ ଉପଲବ୍ଧ କରାଇବା ଆହୁରି ସହଜ ହେବ । ଏ ସମ୍ପର୍କରେ ସୂଚନା ଦେଇ କମ୍ପାନୀର ରାଜ୍ୟ ମୁଖ୍ୟ ତ୍ରିନାଥ ପ୍ରସାଦ ମହାନ୍ତି କହିଛନ୍ତି ଯେ, ନିକଟରେ କଟକରେ ୩ୟ ସ୍ୱତନ୍ତ୍ର ଷ୍ଟୋର ଶୁଭାରମ୍ଭ କରାଯାଇଛି । ଜୟପୁର ଏବଂ ଉମରକୋଟରେ ଆଉ ୨ଟି ଷ୍ଟୋର ସ୍ଥାନକୁ ନେଇ ଅତ୍ୟନ୍ତ ଖୁସି । ଏଠାରେ ଗ୍ରାହକମାନେ ଟେକ୍ନୋଲୋଜି ଏବଂ ବିସ୍ତୃତ ବର୍ଗର ଉତ୍ପାଦ ପାଇପାରିବେ।

# ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସଚିବଙ୍କ ମାଲକାନଗିରି ଗସ୍ତ

ମାଲକାନଗିରି,୨୨।୮ (ଡି.ଏନ.ଏ./ସ୍ୱ.ପ୍ର.)

**ମୁଖ୍ୟ ଚିକିତ୍ସାଳୟ ଉନ୍ନତିକରଣ**

ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟର ଉନ୍ନତିକରଣ ପାଇଁ ସୋମବାର ରାଜ୍ୟ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସଚିବ ଅଜିତ କୁମାର ମହାନ୍ତି ମାଲକାନଗିରି ଜିଲା ଗସ୍ତ କରିଛନ୍ତି। ପୂର୍ବରୁ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ରାଜ୍ୟରେ ଡିଏଲଏସର ଜଣେ ବରିଷ୍ଠ ଅଧିକାରୀ, ଏନଏଚଏମର ଜଣେ ଏବଂ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟରୁ ଜଣଙ୍କୁ ନେଇ ୩୦ଟି କ୍ରାକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ପ୍ରତି ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ କିଛି ସ୍ୱାସ୍ଥ୍ୟକେନ୍ଦ୍ରକୁ ଗସ୍ତ କରି ସମୀକ୍ଷା କରିଥିଲେ। ସେହି ସମୟରେ ସେମାନେ କେତେକ ସମସ୍ୟା ଦେଖିଥିଲେ ଓ ଏହାର ସମାଧାନ ପାଇଁ ଏକ ରିପୋର୍ଟ ହାଇକୋର୍ଟଙ୍କୁ ପ୍ରଦାନ କରିଥିଲେ। ସେହି ରିପୋର୍ଟ ଅନୁଯାୟୀ ସବୁ ସମସ୍ୟାଗୁଡିକ ସମାଧାନ କରିବା ସହ ଜନ ସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସୋମବାର ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସଚିବ ମହାନ୍ତି ଜିଲା ଗସ୍ତ କରି ମୁଖ୍ୟ ଚିକିତ୍ସାଳୟରେ ସମୀକ୍ଷା କରିଛନ୍ତି। ଡିଏଲଏସ ଯେଉଁ ରିପୋର୍ଟ ଦେଇଥିଲେ ସେହି ଅନୁଯାୟୀ ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରରେ କେଉଁ ଅସୁବିଧା ଦୂର କରିହେବ ଏବଂ ଜନସାଧାରଣ ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରିବେ ସେନେଇ ସମୀକ୍ଷା କର ସମସ୍ୟାଗୁଡିକ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦଙ୍କ ସମେତ ଡାକ୍ତର, ମେଡିକାଲ କର୍ମଚାରୀ ଉପସ୍ଥିତ ଥିଲେ।



ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସଚିବ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅନୁଧ୍ୟାନ କରୁଛନ୍ତି।

## ଅମୃତ ସରୋବର କାର୍ଯ୍ୟ ତଦାରଖ କଲେ ପିଡି

ପଡିଆ,୨୨।୮(ଡି.ଏନ.ଏ.)

ଜିଲା ଗ୍ରାମ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବାଲ ମୁକୁନ୍ଦ ଭୂୟାଁ ସୋମବାର ପଡିଆ ବ୍ଲକର ବିଭିନ୍ନ ପଞ୍ଚାୟତରେ ନିର୍ମିତ ଅମୃତ ସରୋବର କାର୍ଯ୍ୟ ତଦାରଖ କରିଛନ୍ତି। ଉଷ୍ଟୁରୁକୋଣ୍ଡା ପଞ୍ଚାୟତର ସଙ୍ଗେଲ ଏବଂ ଏମ୍‌ପିଭି-୫୬, ଗିରକାନପାଲି ପଞ୍ଚାୟତର ଗିରକାନ ପାଲି ଗ୍ରାମରେ ନିର୍ମାଣାଧୀନ ଅମୃତ ସରୋବର କାର୍ଯ୍ୟ ତଦାରଖ କରିଥିଲେ। ତାଙ୍କ ସହ ବିଡିଓ ରାମକୃଷ୍ଣ ନାୟକ, ଏକଜୁକେଟିଭି ଇଞ୍ଜିନିୟର ବିଷ୍ଣୁ ପ୍ରସାଦ ମହାପାତ୍ର, କନିଷ୍ଠଯନ୍ତ୍ରୀ ବାଳକୃଷ୍ଣ ମହାନ୍ତପାତ୍ର, ପିଇଓ ହୃଷୀକେଶ ରାଓ, ଜିଆରଏସ୍ ପ୍ରେମାଂଶୁ ସରକାର, ସଞ୍ଜୟ ମିସ୍ତ୍ରୀ ଥିଲେ।



# ଦୁର୍ନୀତିମୁକ୍ତ ସମାଜ ଗଠନରେ ଖବରଦାତାମାନେ ଜାଗ୍ରତ ପ୍ରହରୀ

ସୁନାବେଡା,୨୨।୮(ସ୍ୱ.ପ୍ର.)

**ପ୍ରେସ କ୍ଲବର ବାର୍ଷିକ ଉତ୍ସବ**

ସୁନାବେଡା ପ୍ରେସ୍ କ୍ଲବର ପ୍ରଥମ ବାର୍ଷିକ ଉତ୍ସବ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲବ ସଭାପତି ଦିଲୀପ ମହାନ୍ତି ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ ତଥା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଭଗବାନ ଖେମୁଣ୍ଡୁଙ୍କ ପୁଅ ସୋମନାଥ ଖେମୁଣ୍ଡୁ ଯୋଗଦେଇ ଦେଶ ସ୍ୱାଧୀନତାରେ କୋରାପୁଟ ଜିଲା ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନର ସ୍ମୃତିଚାରଣ କରିଥିଲେ। ଅନ୍ୟତମ ଅତିଥି ଜୟସେନ ଖିଲ ସାମ୍ବାଦିକ ସଂଘ ସ୍ୱାଧୀନତା ସଂଗ୍ରାମୀ ଓ ତାଙ୍କ ଦୟାଦମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ କରିଥିବା ଉଦ୍ୟମକୁ ପ୍ରଶଂସା କରିଥିଲେ। ସ୍ୱତନ୍ତ୍ର ଅତିଥି ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ବଡନାୟକ ଯୋଗ ଦେଇ ଦେଶ ସ୍ୱାଧୀନତା ଉପରେ ସମ୍ୟକ ସୂଚନା ଦେଇଥିଲେ। ଆଇଆରବିଏନ କାମାଣ୍ଡାଣ୍ଟ ପ୍ରଭାତ କିଶୋର ଦାସ ଅତିଥି ରୂପେ ଯୋଗ ଦେଇ ଖବରଦାତାମାନେ ଦୁର୍ନୀତିମୁକ୍ତ ସମାଜ ଗଠନର ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରୁଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। । ସମ୍ମାନିତ ଅତିଥି ରୂପେ ପୌର ନିର୍ବାହୀ ଅଧିକାରୀ ଗୋବିନ୍ଦ ଦନସେନା ଦେଶ ସ୍ୱାଧୀନ ହେବାରେ ସ୍ୱାଧୀନତା ସଂଗ୍ରାମୀଙ୍କ ଭୂମିକା ସର୍ବଦା ସ୍ମରଣୀୟ ହୋଇ ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ପ୍ରଫେସର ସୁନିଲକାନ୍ତ ବେହେରା ସମାଜରେ ଗଣମାଧ୍ୟମର ଭୂମିକା ଓ ଖବରଦାତାମାନଙ୍କ ସମାଜ ପ୍ରତି ଦାୟିତ୍ୱବୋଧତା ଉପରେ ବକ୍ତବ୍ୟ ରଖିଥିଲେ। ପ୍ରେସ କ୍ଲବ ସମ୍ପାଦକ ସନ୍ତୋଷ ପଲାଇ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଉପସ୍ଥିତ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟଦମାନଙ୍କୁ ଏବଂ କୋରାପୁଟ ଜିଲାର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟରତ ଖବରଦାତାମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବନିତା ମଲ୍ଲିକ ସଞ୍ଚାଳନ କରିଥିଲେ। ଖବରଦାତା କୃତିବାସ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଗ୍ଲେମର ଡ୍ୟାନ୍ସ ଗ୍ରୁପ ପକ୍ଷରୁ ଶିଶୁ କଳାକାରମାନେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# କନ୍ଧ ସମାଜ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ମାଲକାନଗିରି,୨୨।୮ (ଡି.ଏନ୍.ଏ.)- ମାଲକାନଗିରି ଜିଲା କନ୍ଧ ସମାଜ ତରଫରୁ ସୋମବାର କନ୍ଧ ସମାଜର ବିଭିନ୍ନ ସମସ୍ୟା ନେଇ ମାଲକାନଗିରି ଜଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ଗତ ୧୩ ତାରିଖରେ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ବୁର୍ଜା ପଞ୍ଚାୟତ କପସଭଙ୍ଗା ଗ୍ରାମରେ ଆଦିବାସୀ କନ୍ଧ ପରିବାରର ମକ୍କା ଫସଲ ନଷ୍ଟ ଓ ଘର ପୋଡି ପରି ଘଟଣାର ତୁରନ୍ତ ସମାଧାନ କରି ଆଦିବାସୀଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବାକୁ ଦାବି କରାଯାଇଛି। ଏଥିସହ ନଷ୍ଟ ହୋଇଥିବା ୧୦୦ ଏକର ମକ୍କା ଫସଲର କ୍ଷତିପୂରଣ, ଚାରିଖଣ୍ଡ ଗ୍ରାମରେ ଚାଷ କରି ଆସୁଥିବା ଜଙ୍ଗଲ ଜମିକୁ ଚିହ୍ନଟ କରି ସେମାନଙ୍କୁ ପଟ୍ଟା ପ୍ରଦାନ, ସରକାରଙ୍କ ଜଙ୍ଗଲ ଜମି ଅଧିକାର ନିୟମକୁ ଠିକ ଭାବେ କାର୍ଯ୍ୟକାରୀ କରିବା, ବୁର୍ଜା ପଞ୍ଚାୟତରେ ଗଠନ ହୋଇଥିବା ଜଙ୍ଗଲ ସୁର କ୍ଷା କମିଟିକୁ ବେଆଇନ ଘୋଷଣା କରି ନୂତନ ଜଙ୍ଗଲ ସୁରକ୍ଷା କମିଟି ଗଠନ କରିବା ଲାଗି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ସାଧାରଣ ସମ୍ପାଦକ ହରିବନ୍ଧୁ ଗଲରି, ଚିତ୍ରକୋଣ୍ଡା ବ୍ଲକ ସଭାପତି ଦେବ ଖରା, ଉପଦେଷ୍ଟା ତିଲି ପାଙ୍ଗି, ଈଶ୍ୱର ପାଙ୍ଗି, ଶୁକ୍ରା ପାଙ୍ଗି, ଶେଖର ପାଙ୍ଗିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ମୌଳିକ ସୁବିଧା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ଦାବି

ଜୟପୁର, ୨୨।୮ (ନି.ପ୍ର.)

ଜୟପୁର ବ୍ଲକ ଅନ୍ତର୍ଗତ ସୁକିଆଗୁଡାକୁ ମୌଳିକ ସୁବିଧା ଯୋଗାଇବାକୁ ରବିନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି। ବିଡିଓଙ୍କ ଅନୁପସ୍ଥିତିରେ ଜିପିଓ ସଞ୍ଜୀବ ମିଶ୍ରଙ୍କୁ ଏକ ଦାବିପତ୍ରଦେଇଛନ୍ତି। ଏଥିରେ ଉଲ୍ଲେଖ ରହିଛି ଯେ, ସୁକୁଆଗୁଡା ଗ୍ରାମରେ ରାସ୍ତା, ପାନୀୟ ଜଳ, ଶୌଚାଳୟ ନାହିଁ । ବାରମ୍ବାର ପ୍ରଶାସନକୁ ଜଣାଇ କିଛି ସୁଫଳ ମିଳୁନାହିଁ। ରାସ୍ତା ନ ଥିବାରୁ ବର୍ଷା ଦିନେ କାଦୁଅ ଓ ଖାଲଖମାରେ ବହୁ କଷ୍ଟରେ ଯାତାୟାତ କରିବାକୁ ପଡୁଛି। ପ୍ରଶାସନ ତୁରନ୍ତ ଗ୍ରାମରେ ପକ୍କା ରାସ୍ତା ଓ ପାନୀୟ ଜଳ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏଥିସହ ଗ୍ରାମରେ ଶୌଚାଳୟ ନଥିବା ହେତୁ ଗ୍ରାମବାସୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଶୌଚାଳୟ ନିର୍ମାଣ ସହ ଗରିବ ହାତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହାର ନକଲ ମୁଖ୍ୟମନ୍ତ୍ରୀ, କୋରାପୁଟ ଜିଲାପାଳ, ଉପ ଜିଲାପାଳଙ୍କ ନିକଟକୁ ପଠାଯାଇଛି।

# ଡେଙ୍ଗୁ ରୋକିବା ପାଇଁ ପୌର ପରିଷଦର ତତ୍ପରତା

ମାଲକାନଗିରି,୨୨।୮ (ଡି.ଏନ୍.ଏ.)

ମାଲକାନଗିରି ଜିଲାର ୭ଟି ବ୍ଲକରେ ଡେଙ୍ଗୁରୋଗୀ ଚିହ୍ନଟ ହୋଇ ହେବା ପରେ ଏହାକୁ ନିୟନ୍ତ୍ରଣ କରିବା ଲାଗି ପୌର ପରିଷଦ ପକ୍ଷରୁ ତତ୍ପରତା ଆରମ୍ଭ ହୋଇଛି। ୧୯ଟି ୱାର୍ଡରେ ମଶା ନିରାକରଣ ଧୂଆଁ ଛଡାଯାଉଛି। ପୌର ଅଧକ୍ଷ ମନୋଜ ବାରିକ ଏବଂ ନିର୍ବାହୀ ଅଧିକାରୀ ଅଶୋକ ଚକ୍ରବର୍ତ୍ତୀଙ୍କ ତତ୍ତ୍ୱାବଧାନରେ କର୍ମଚାରୀମାନେ ଏହି କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି। ତେବେ ଏହି ଧୂଆଁ ଛାଡିବା କାର୍ଯ୍ୟ ଠିକ୍ ରୂପେ ହେଉଛି କି ନାହିଁ ଉଭୟେ ତଦାରଖ କରୁଛନ୍ତି। ପ୍ରତି ଗଳିରେ ଥିବା ନାଳ ନର୍ଦ୍ଦମା, ପୋଖରୀ ଚତୁଃପାର୍ଶ୍ୱ, ଅଳିଆ ଆବର୍ଜନା ପଡିଥିବା ସ୍ଥାନରେ ସକାଳେ ଓ ସନ୍ଧ୍ୟାରେ ଧୂଆଁ ଛଡାଯାଉଛି। ସୂଚନାଯୋଗ୍ୟ, ମାଲକାନଗିରି ପୌର ପରିଷଦରେ ୨୩ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଚିତ୍ରକୋଣ୍ଡା ଓ ବାଲିମେଳା ଅଞ୍ଚଳରେ ଡେଙ୍ଗୁ ରୋକିବା ଲାଗି ସଚେତନତା କାର୍ଯ୍ୟ କରାଯାଉଛି।



ଡେଙ୍ଗୁ ନିୟନ୍ତ୍ରଣ ପାଇଁ ଧୂଆଁ ଛଡାଯାଉଛି ।

# ବୃକ୍ଷରୋପଣ କାର୍ଯ୍ୟକ୍ରମ



ବିଜେଡି ପକ୍ଷରୁ ଜିଲା ଚିକିତ୍ସାଳୟ ପରିସରରେ ବୃକ୍ଷରୋପଣ କରାଯାଉଛି ।

ଜୟପୁର, ୨୨।୮ (ନି.ପ୍ର.)

ବିଜୁ ଜନତା ଦଳର ୨୫ ବର୍ଷ ପୂର୍ତ୍ତି ଅବସରରେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହିମାଂସୁ ମହାପାତ୍ରଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟରେ ବିଜେଡି ଜିଲା ସଭାପତି ଈଶ୍ୱର ପାଣିଗ୍ରାହୀ, ସୂର୍ଯ୍ୟ ନାରାୟଣ ରଥ, ବରିଷ୍ଠ ନେତା ଅନୁପ ପାତ୍ର, ବାଲା ରାୟ, ଜିଲା ପରଷଦ ସଭ୍ୟା, ବ୍ଲକ ଅଧକ୍ଷା, ପୌର ଉପାଧକ୍ଷ ପ୍ରମୁଖ ଉପସ୍ଥିତ ଥିଲେ।

# ଏ.ଟି.ଏମ୍.ଛାତରୁ ପାଣି ଗଳୁଛି, ଜରି ଘୋଡାଇ କାମ ଚଳୁଛି

ମାଲକାନଗିରି,୨୨।୮ (ଡି.ଏନ୍.ଏ.)

ମାଲକାନଗିରି ସଦର ମହକୁମାରେ ଥିବା ଏଟିଏମ୍‌ଗୁଡିକରେ ଅଳିଆ, ଆବର୍ଜନା, ଧୂଳି, କାଗଜପତ୍ର ଦେଖିବାକୁ ମିଳୁଛି। ଯେକୌଣସି ଏଟିଏମ୍‌କୁ ଗଲେ ଏହି ଅବସ୍ଥା । ତେବେ ମାଲକାନଗିରି ସଦର ମହକୁମାରେ ଥିବା ଏକ ଏଟିଏମ୍ ଉପରେ ଏକ ଜରି ବନ୍ଧା ଯାଇଥିବା ଦେଖିବାକୁ ମିଳୁଛି। ଏଟିଏମର ଛାତରୁ ପାଣି ଗଳି ଏଟିଏମ୍ ଉପରେ ପଡୁଥିବାରୁ ତାକୁ ଗୋଟିଏ ଜରି ମାଧ୍ୟମରେ ବାନ୍ଧି ରଖାଯାଇଛି। ବ୍ୟାଙ୍କ ପକ୍ଷରୁ ଏହାର କୌଣସି ରକ୍ଷଣା ବେକ୍ଷଣ କରା ଯାଉ ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ତୁରନ୍ତ ଏଟିଏମର ଛାତ ମରାମତି କରିବାକୁ ଗ୍ରାହକମାନେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି।



## ବିବାହ ପ୍ରଲୋଭନ ଦେଖାଇ ପ୍ରତାରଣା

ଜୟପୁର, ୨୨।୮ (ନି.ପ୍ର.)

ଜଣେ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ପ୍ରତାରଣା କରାଯାଇଥିବା ନେଇ ଜୟପୁର ମହିଳୀ ଥାନାରେ ଅଭିଯୋଗ ହୋଇଛି। ଏହି ମାମଲାରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଚୁନା ହରିଜନ। ବି.ସଂପୁର ଅଞ୍ଚଳର ଯୁବତୀ ଜଣଙ୍କୁ ଚୁନା ବିବାହର ପ୍ରୋଲଭନ ଦେଖାଇ ଶାରୀରିକ ସମ୍ପର୍କ ରଥିଲେ। ଫଳରେ ସେ ଗର୍ଭବତୀ ହୋଇଥିଲେ। ଏହା ନାବାଳିକାଙ୍କ ପରିବାର ଲେକେ ଜାଣି ଚୁନାଙ୍କ ପରିବାରକୁ ଜଣାଇଲେ । ଉଭୟେ ନାବାଳିକା ଥିବାରୁ ସାବାଳିକା ହେଲେ ବିବାହ କରିବାକୁ ସହମତି ପ୍ରକାଶ କରିଥିଲେ। ପରେ ସେମାନଙ୍କର ଏକ ପୁତ୍ର ସନ୍ତାନ୍ତ ହୋଇଥିଲା। ଚୁନା ନାବାଳିକାଙ୍କ ପୁତ୍ର ସନ୍ତାନକୁ ଆଣି ଦ୍ୱିତୀୟ ବିବାହ କରିଥିଲେ। ଯୁବତୀ ଜଣଙ୍କ ଥାନାରେ ଅଭିଯୋଗ କରିଥିବା ଥାନା ଅଧିକାରୀ ମମତା ପାଣିଗ୍ରାହୀ କହିଛନ୍ତି ।

# ମଙ୍ଗଳ ବିଭାଗ ସେବାଶ୍ରମ ବିଦ୍ୟାଳୟରେ ପାଠପଢ଼ା ବାଧାପ୍ରାପ୍ତ

କୁନ୍ଦୁରା,୨୨।୮ (ଡି.ଏନ.ଏ.)

**୨୦ ବର୍ଷ ପରେ ମଧ୍ୟ ହେଉନି ଶିକ୍ଷକ ପଦବୀ ପୂରଣ ବ୍ୟବସ୍ଥା**

ରାଜ୍ୟ ସରକାରଙ୍କ ବ୍ୟବସ୍ଥା ମୁତାବକ ପ୍ରତି ୩୫ ଜଣ ଛାତ୍ରୀଛାତ୍ରଙ୍କୁ ଜଣେ ଶିକ୍ଷକ ନିଯୁକ୍ତି କରିବାକୁ ନିର୍ଦ୍ଦେଶ ରହିଛି। ମାତ୍ର କୋରାପୁଟ ଜିଲା ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନରେ ରହିଥିବା ମଙ୍ଗଳ ବିଭାଗ ପରିଚାଳିତ ବିଦ୍ୟାଳୟ ଗୁଡିକରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜିଲାର କୁନ୍ଦୁରା ବ୍ଲକରେ ୩ଟି ଉଚ୍ଚ ବିଦ୍ୟାଳୟ ଏବଂ ୫ଟି ପ୍ରାଥମିକ ବିଦ୍ୟାଳୟ ରହିଛି। ଦୀର୍ଘ ୨୦ ବର୍ଷ ପରେ ମଧ୍ୟ ବିଦ୍ୟାଳୟଗୁଡିକରେ ଛାତ୍ରୀଛାତ୍ର ଅନୁପାତରେ ଶିକ୍ଷକ ନାହାନ୍ତି। ବିଶେଷ କରି ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟଗୁଡିକରେ ଶିକ୍ଷକ ପଦବୀ ପୂରଣ ହେଉ ନ ଥିବାରୁ ଅନ୍ତେବାସୀଙ୍କ ପାଠପଢା ବାଧାପ୍ରାପ୍ତ ହେଉଛି। ମଙ୍ଗଳ ବିଭାଗର କିଛି ଅଧିକାରୀଙ୍କ ବେପାରୁଆ ମନୋଭାବ ଯୋଗୁ ଶିକ୍ଷକ ପଦବୀ ପୂରଣ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। କୁନ୍ଦୁରା ବ୍ଲକ କାଉଡିଆଗୁଡା ଉଚ୍ଚ ଆବାସିକ ବିଦ୍ୟାଳୟ ରେ ୪୨୯ ଜଣ ଅଧ୍ୟୟନ କରୁଥିବା ବେଳେ ମାତ୍ର ୯ ଜଣ ଶିକ୍ଷକ ରହିଛନ୍ତି। ସେହିଭଳି ଲିମା ଆବାସିକ ବିଦ୍ୟାଳୟରେ ୨୮୫ ଜଣଙ୍କୁ ୭ ଜଣ, ଦିଗାପୁର ଉଚ୍ଚ ଆବସିକ ବିଦ୍ୟାଳୟରେ ୩୫୦ ଜଣଙ୍କୁ ୫ ଜଣ, ପ୍ରାଥମିକ ବିଦ୍ୟାଳୟ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମଙ୍ଗଳ ବିଭାଗ ଅଧୀନରେ ଥିବା ଯବା ପାତ୍ରପୁଟ ସେବାଶ୍ରମରେ ୧୨୦ ଛାତ୍ରଛାତ୍ରୀଙ୍କୁ ୨ ଜଣ, ପ୍ରଧାନିପୁଟ ସେବାଶ୍ରମରେ ୧୯୬ ଜଣଙ୍କୁ ୩, ବାଣ୍ଡୁଆଗୁଡାରେ ୩୨୬ ଜଣଙ୍କୁ ୪ଜଣ, ଘୁମର ସେବାଶ୍ରମରେ ୩୨୭ ଜଣଙ୍କୁ ୩ ଜଣ ଏବଂ ମସିଗାଁ ସେବାଶ୍ରମ ପ୍ରାଥମିକ ଆବସିକ ବିଦ୍ୟାଳୟରେ ୩୮୦ ଜଣ ଛାତ୍ରୀଛାତ୍ରଙ୍କୁ ୩ ଜଣ ଶିକ୍ଷକ ରହିଛନ୍ତି। ଜିଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡିଙ୍କୁ ପଚାରିବାରୁ ଯେତିକି ଶିକ୍ଷକ ରହିବା କଥା ରହିଛନ୍ତି ବୋଲି ସେ କହିଥିଲେ।

ଧରିତ୍ରୀ
DHARITRI
ମଙ୍ଗଳବାର, ୨୩ ଅଗଷ୍ଟ, ୨୦୨୨



## ସଂକ୍ଷେପରେ

### ଜୋରଜବରଦସ୍ତ ପୂଜାଚାନ୍ଦା ଆଦାୟ ଅଭିଯୋଗ, ୪ ଗିରଫ

ମୁନିଗୁଡ଼ା,୨୨।୮(ଡି.ଏନ୍.ଏ.)- ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ରେଲୱେ ଫାଟକ ପାଖ ତିନି କୋଣିଆ ଛକ ନିକଟରେ ଗଣେଶ ପୂଜା ପାଇଁ ଜୋରଜବରଦସ୍ତ ଚାନ୍ଦା ଆଦାୟ କରାଯାଉଥିବା ଖବର ପାଇ ମୁନିଗୁଡ଼ା ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ରେଲୱେ ଫାଟକ ଛକ ପାଖରେ ଯୁବକମାନେ ଯାନବାହନ ଅଟକାଇ ପୂଜାଚାନ୍ଦା ଆଦାୟ କରୁଥିଲେ। କେତେଜଣ ଗାଡ଼ି ଚାଳକ ଏହାର ବିରୋଧ କରିବାରୁ ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିଥିଲା। ଫଳରେ ଚାଳକମାନେ ମୁନିଗୁଡ଼ା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ୧୭୫/୨୨ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପାର୍ବଣ ଋତୁ ଆରମ୍ଭ ହୋଇଥିବା ବେଳେ ଜୋର ଜବରଦସ୍ତ ଚାନ୍ଦା ଆଦାୟ ନ କରିବାକୁ ମୁନିଗୁଡ଼ା ଆଇଆଇସି ସୁଙ୍କାନୀ ସାହୁ ସତର୍କ କରାଇଛନ୍ତି। ଏଭଳି ଅଭିଯୋଗ ଆସିଲେ ଗିରଫ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

### ଏକଲ୍ ଅଭିଯାନର ସଂସ୍କାର ଶିକ୍ଷା ଦକ୍ଷତା ବର୍ଗ ଅନୁଷ୍ଠିତ



ରାୟଗଡ଼ା ଅଫିସ,୨୨।୮- ରାୟଗଡ଼ା ସହର ସ୍ଥିତ ସାଇପ୍ରିୟା ନଗରଠାରେ ଏକଲ୍ ଅଭିଯାନର ସଂସ୍କାର ଶିକ୍ଷା ଓଡ଼ିଶା ସଂଭାଗ ଦକ୍ଷିଣ ଭାଗ ଓ ପୂର୍ବ ଭାଗ ଦକ୍ଷତା ବର୍ଗ ଅନୁଷ୍ଠିତ ହୋଇଯାଇଛି। ୭ ଦିନ ବ୍ୟାପୀ ହେବାକୁ ଥିବା କାର୍ଯ୍ୟକ୍ରମ ସୋମବାର ଶୁଭାରମ୍ଭ ହୋଇଛି। ଏଥିରେ ପ୍ରତ୍ୟେକ ଦିନ ଭଜନ, କୀର୍ତ୍ତନ ସହ ପଞ୍ଚମୁଖୀ ଶିକ୍ଷା(ଶିକ୍ଷା, ସାସ୍ଥ୍ୟ, ଜୈବିକ କୃଷି) ଉପରେ ପ୍ରଶିକ୍ଷଣ ଦିଆଯିବା ସହ ସଚେତନତା ସୃଷ୍ଟି କରାଯିବ। ଏକଲ୍ ଅଭିଯାନର ସଭାପତି ପ୍ରେମଚାନ୍ଦ ଅଗ୍ରୱାଲଙ୍କ ସଭାପତିତ୍ୱରେ ହୋଇଥିବା ଉଦ୍‌ଘାଟନି ଉତ୍ସବରେ ଅତିଥିଭାବେ ହରିରାମଜୀ, କୃଷ୍ଣ ଦାସଜୀ, ନରେନ୍ଦ୍ର ମିଶ୍ର ଯୋଗଦେଇ ଏକଲ୍ ଅଭିଯାନର କାର୍ଯ୍ୟକ୍ରମ ଏବଂ ଉଦ୍ଦେଶ୍ୟ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଫୁଲବାଣୀ, ଗଜପତି, ରାୟଗଡ଼ା, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲାର ବ୍ୟାସ କଥାକାର ମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଫୁଲ୍ଲ କୁମାର ପାତ୍ର, ଗୌର ଚନ୍ଦ୍ର ନାୟକ, ଜୟଦେବ ସେଠ୍, ପ୍ରକାଶ କୁମାର ରାଉତ ପରିଚାଳନା କରିଥିଲେ। ଫଟୋ-କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

### ପ୍ରକଳ୍ପ ଉଦ୍‌ଘାଟନ, ଶିଳାନ୍ୟାସ କଲେ ଏମ୍ପି, ବିଧାୟକ

ଝରିଗାଁ, ୨୨।୮(ସ୍ୱ.ପ୍ର.)- ନବରଙ୍ଗପୁର ଏମ୍ପି ରମେଶ ଚନ୍ଦ୍ର ମାଝି ଏବଂ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ସୋମବାର ଝରିଗାଁ ବ୍ଲକର ବିଭିନ୍ନ ପଞ୍ଚାୟତ ଗସ୍ତ କରି ଉନ୍ନୟନମୂଳକ ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନନ୍ତି। ଚକଲାପଦର ପଞ୍ଚାୟତ ଯାଇ ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ୯୭ ଲକ୍ଷଟଙ୍କା ବ୍ୟୟରେ ନିର୍ମିତ ୧୨୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ଉଦ୍‌ଘାଟନ କରିଥିଲେ। ଏହାପରେ ବଡଟେମେରା ପଞ୍ଚାୟତ ଚନ୍ଦନଧାରା ଶୈବପୀଠରେ ପହଞ୍ଚି ଆନୁଷଙ୍ଗିକ ବ୍ୟବସ୍ଥା ତର୍ଜମା କରିବା ସହିତ ସେଠାରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ଏହାପରେ ଇଚ୍ଛାପୁର ପଞ୍ଚାୟତରେ ଠାକୁରାଣୀ ଗୁଡ଼ି ପାଇଁ ଶୁଭ ଦେଇଥିଲେ। ସେହିପରି ଭାଲୁକିନାଡୀ ପଞ୍ଚାୟତ ବୁଢ଼ାଦେଓ ଛକ ନିକଟରେ ଏକ କଲ୍ୟାଣ ମଣ୍ଡପ ଏବଂ ବୁଢ଼ାରାଜା ମନ୍ଦିର ନିର୍ମାଣ ଶିଳାନ୍ୟାସ କରିଥିଲେ। ଶେଷରେ ଫୁପୁଗାଁ ଏବଂ ଡାଇନିଗୁଡା ଛକରେ ନୂତନ ବଜାର ଗୃହର ଭିତ୍ତିପ୍ରସ୍ତର ପକାଇଥିଲେ। ଏମ୍ପିଙ୍କ ବ୍ଲକ ପ୍ରତିନିଧି ପ୍ରିୟ ରଞ୍ଜନ ଦାଶଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜେଡି ସଂଯୋଜକ ପ୍ରମୋଦ ପାଢ଼ୀ, ବ୍ଲକ ଅଧ୍ୟକ୍ଷ ଦୁର୍ଗା ମାଝୀ, ଜିଲା ପରିଷଦ ସଭ୍ୟ ଶ୍ୟାମ ସୁନ୍ଦର ନାୟକ, ପ୍ରମିଳା ପୂଜାରୀ, ଯମୁନା ଗଣ୍ଡ,ବିଡ଼ିଓ ସତ୍ୟ ନାରାୟଣ ମେହେର, ସହକାରୀ ଯନ୍ତ୍ରୀ ବିନୀତ ମିଶ୍ର, ଲାମ୍ପସ୍ ସଭାନେତ୍ରୀ ଲଛମା ଗଣ୍ଡ, ସରପଞ୍ଚ ମୋହନ ନାୟକ, ଥବିର ପୂଜାରୀ, ରାଜୁ ସାନ୍ତା, ଚୈତନ ଗଣ୍ଡ, ସମିତିସଭ୍ୟ ଗୁପ୍ତ ଜାନୀ, ଜଗତ କଲାର,ମହେନ୍ଦ୍ର ପୂଜାରୀ, ମାଧବ ସାନ୍ତା,ଟିକଚନ୍ଦ ମାଝୀ, ରାମଧର ମାଝୀ, ରଜନୀକାନ୍ତ ପଟ୍ଟନାୟକ,ଶିବରାମ ଶତପଥୀ,ମଦନ ସାମଲ,ସଞ୍ଜୟ ଲେଙ୍କା,ଚିତ୍ତ ରଞ୍ଜନ ପାଣ୍ଡେ, ପିଙ୍କୁ କାହାଳିଆ ତଥା ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଘର ଛାଡ଼ି ଅନ୍ୟ ଛାତଘରେ ଆଶ୍ରୟ ନେଇଛନ୍ତି ଗ୍ରାମବାସୀ

- ବର୍ଷା ଯୋଗୁ ଦୁର୍ଦ୍ଦଶାରେ ରାଣୀପଦର ଗ୍ରାମବାସୀ
- ବିଡିଓଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ରାୟଗଡ଼ା ଅଫିସ,୨୨।୮

ଲଗାଣ ବର୍ଷା ଯୋଗୁ ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ କରପା ପଞ୍ଚାୟତର ରାଣୀପଦର ଗ୍ରାମବାସୀ ବିଭିନ୍ନ ସମସ୍ୟାରେ ରହିଛନ୍ତି। ଗାଁର ୨୮ ଘର ମଧ୍ୟରୁ ୧୬ ଘରେ ବର୍ଷାପାଣି ସହ ଝର ସୃଷ୍ଟିହୋଇ କାନ୍ଥ ଓଦା ହୋଇଛି। କେତେବେଳେ କାନ୍ଥ ଭୁଶୁଡ଼ିଲେ ଲୋକଙ୍କ ଜୀବନ ଚାଲିଯିବା ଭୟ ରହିଛି। ତେଣୁ ଲୋକେ ନିଜ ଘର ଛାଡ଼ି ଗାଁରେ ଥିବା ଏକ ଛାତଘରେ ଏବଂ ଆଉ କେତଜଣ ବାରଣ୍ଡାରେ ଆଶ୍ରୟ ନେଇଛନ୍ତି। ରୋଷେଇ ଘରେ ନ କରିପାରି ଘର ବାହାରେ କରୁଛନ୍ତି। ଅନ୍ୟପକ୍ଷରେ ଗାଁରୁ ଅନ୍ୟତ୍ର ଯିବାକୁ ହେଲେ ଗାଁ ନିକଟସ୍ଥ ଏକ ନାଳ ଅତିକ୍ରମ କରି ଯିବାକୁ ପଡୁଛି।



ଗ୍ରାମବାସୀ ଏବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

ବର୍ଷା ଦିନ ଆସିଲେ ଉକ୍ତ ନାଳରେ ପାଣି ବଢ଼ିଗଲେ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀଙ୍କ ଦୁର୍ଦ୍ଦଶା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ଗ୍ରାମବାସୀ ସୋମବାର ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ସନ୍ତୋଷ କୁମାର ବଛାଙ୍କ ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବିଡିଓ ତାପସ କୁମାର ଭୋଇଙ୍କ ଅନୁପସ୍ଥିତିରେ ଏବିଡିଓ ବଳରାମ ପାତ୍ରଙ୍କ ସହ ସମସ୍ୟା ନେଇ ଅଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ରାଣୀପଦର ଗାଁର ହାଲୋ ପ୍ରାସ୍କା, କାସମାଝି କାଦ୍ରାକା, ଅଭି କାଦ୍ରାକା ପ୍ରମୁଖ ଉପସ୍ଥିତ ଥିଲେ।

# ମୁନିଗୁଡ଼ା ଷ୍ଟେଶନରୁ ଗଞ୍ଜେଇ ବେପାରୀ ରାଜୁ ଗିରଫ

## ୨୦.୭ କେ.ଜି. ଗଞ୍ଜେଇ ଜବତ

ମୁନିଗୁଡ଼ା, ୨୨।୮(ଡି.ଏନ୍.ଏ.)



ରାୟଗଡ଼ା ଜିଲା ମୁନିଗୁଡ଼ା ପୋଲିସ ଏବଂ ଆର୍‌ପିଏଫ୍ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ମୁନିଗୁଡ଼ା ରେଲଷ୍ଟେଶନ ତିନି ନମ୍ବର ପ୍ଲାଟଫର୍ମରୁ ୨୦.୭ କେଜି ଗଞ୍ଜେଇ ଜବତ କରାଯାଇଛି। ଗଞ୍ଜେଇ ବେପାରୀ ରାଜୁ ଶେଖ୍(୨୫)ଙ୍କୁ ପୋଲିସ ଗିରଫ କରିଛି। ସୂଚନା ଅନୁଯାୟୀ, ଗଞ୍ଜେଇ ଚୋରାଚାଲାଣ ନେଇ ଖବର ପାଇ ସ୍ଥାନୀୟ ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁଙ୍କ ନିର୍ଦ୍ଦେଶରେ ଆଇଆଇସି ସୁଙ୍କାନୀ ସାହୁଙ୍କ ନେତୃତ୍ୱରେ ପୋଲିସ ଟିମ୍ ରବିବାର ରାତି ୧୦ ଟାରେ ଆର୍‌ପିଏଫ୍ ସହଯୋଗରେ ଷ୍ଟେଶନରେ ଚଢ଼ାଉ କରିଥିଲେ। ପୋଲିସ ଏବଂ ଆର୍‌ପିଏଫ୍ ଟିମ୍‌କୁ ଦେଖି ଅଭିଯୁକ୍ତମାନେ ଖସିଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ଟିମ୍ ମୁଖ୍ୟ ଅଭିଯୁକ୍ତ ଗଞ୍ଜେଇ ବେପାରୀ ରାଜୁଙ୍କୁ କାବୁ କରିଥିଲେ। ଅନ୍ଧାରର ସୁଯୋଗ ନେଇ ରାଜୁଙ୍କ ୨ ସହଯୋଗୀ ଫେରାର ହେବାରେ ସଫଳ ହୋଇଥିଲେ। ରାଜୁଙ୍କୁ ଥାନାକୁ ଆଣି ପଚରାଉଚରା ବେଳେ ସେ ପଶ୍ଚିମବଙ୍ଗ ରାଜ୍ୟ ନଦିଆ ଅଞ୍ଚଳର ବୋଲି ଜଣାପଡ଼ିଛି। ଏଥିସହ ଗଞ୍ଜେଇ କନ୍ଧମାଳ ଜିଲା ବାଲିଗୁଡ଼ାରୁ ଆଣି ସମଲେଶ୍ୱରୀ ଏକ୍ସପ୍ରେସରେ କୋଲ୍‌କାତା ନେବାକୁ ଅପେକ୍ଷା କରିଥିବା କହିଥିଲେ। ଏ ନେଇ ୧୭୭/୨୨ରେ ଏକ ମାମଲା ରୁଜୁ କରାଯାଇ ରାଜୁଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

# ଲୋକଙ୍କ ବିଦ୍ୟୁତ୍ ସମସ୍ୟା ବୁଝିଲେ ବିଧାୟକ

କୋରୁକୋଣ୍ଡା ୨୨।୮(ଡି.ଏନ.ଏ)

ମାଲକାନଗିରି ଜିଲା ବାଲିମେଳା ଏନଏସିକୁ ସୋମବାର ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମେତ ଲୋକଙ୍କ ସମସ୍ୟା ସମ୍ପର୍କରେ ସେମାନଙ୍କ ସହ ଆଲୋଚନା କରିଥିଲେ। ନୀଳାକାମ୍ବେରୁ ପଞ୍ଚାୟତର କେତେକ କଲୋନୀ ବାସିନ୍ଦା ବିଧାୟକଙ୍କୁ ଭେଟି ଦୀର୍ଘ ଦିନ ଧରି ସେମାନଙ୍କ ଘରେ ବିଦ୍ୟୁତ ନ ଥିବା ହେତୁ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାଇଥିଲେ। ପରେ ବିଧାୟକ ବାକା ମାଲକାନଗିରି ଜିଲାପାଳ ବିଶାଲ ସିଂଙ୍କ ସହ ଫୋନ ଯୋଗେ ଆଲୋଚନା କରିଥିଲେ। ଏଥିସହିତ ଜଳ ବିଦ୍ୟୁଟ କେନ୍ଦ୍ରର ୨ ଅଧିକାରୀ ଭିକାରି ଚରଣ ମଲ୍ଲିକ ଏବଂ କୃପାସିନ୍ଧୁ ବିଶ୍ୱାଳଙ୍କ ସହ ଟିପିଏସଓଡିଏଲର ଅଧିକାରୀ ପ୍ରମୋଦ ନାୟକଙ୍କ ସହ ବିଧାୟକ ବାକା ଆଲୋଚନା କରି ତୁରନ୍ତ ଏହି ଅଞ୍ଚଳରେ ବିଦ୍ୟୁତ ଯୋଗାଣ ନେଇ ନିର୍ଦ୍ଦେଶ ଦେଇଥିଲେ। ବିଧାୟକଙ୍କ ଏହି ଗସ୍ତ ସମୟରେ ମାଲକାନଗିରିର ପୂର୍ବତନ ବିଧାୟକ ମାନସ ମାଡକାମୀ, ରାଜ୍ୟ ଯୁବ ସମ୍ପାଦକ ରବି ରାଜେଶ, ଜିଲା ଯୁବ ସଭାପତି ଆଡ଼ମା ରାବା, ମାଲକାନଗିରି ପୌରାଧ୍ୟକ୍ଷ ମନୋଜ ବାରିକ, ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ଗୋପାଳ ପଣ୍ଡା, ଜିଲା ପରିଷଦ ସଦସ୍ୟା ଲକ୍ଷ୍ମୀପ୍ରିୟା ନାୟକ ଏବଂ ସୁରଭି ଭୌମିକ, ନଗର ସଭାପତି ମଙ୍ଗଳା ପାଙ୍ଗି, ସଞ୍ଜୀବ ଦୋରା, ଏମ୍ପି ପ୍ରତିନିଧି ମଦନ ଖୋସଲା ପ୍ରମୁଖ ଉପସ୍ଥିତ ଥିଲେ।



ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଜନସାଧାରଣଙ୍କ ସହ ଆଲୋଚନା କରୁଛନ୍ତି ।

# ପ୍ରତ୍ୟେକ ଘରେ ସଂସ୍କୃତ ଭାଷାର ବ୍ୟବହାର ଉପରେ ଗୁରୁତ୍ୱାରୋପ

## ବିଶ୍ୱ ସଂସ୍କୃତ ଦିବସ ପାଳିତ

କୋରାପୁଟ,୨୨।୮(ସ୍ୱ.ପ୍ର.)

କୋରାପୁଟ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ କୋରାପୁଟ ଶାଖା ପକ୍ଷରୁ ବିଶ୍ୱ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କୋରାପୁଟର ପ୍ରଥମ ଆଇଆର୍‌ବି କମାଣ୍ଡାଣ୍ଟ ପ୍ରଭାତ କିଶୋର ଦାସ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସଂସ୍କୃତ ଭାଷାକୁ ରାଷ୍ଟ୍ରୀୟ ଭାଷାର ମର୍ଯ୍ୟାଦା ଦେଇ ପ୍ରତ୍ୟେକ ଘରେ ଏହାର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ବକ୍ତାଭାବେ ରମେଶ ଚନ୍ଦ୍ର ରଥ, ସାରସ୍ୱତ ବକ୍ତା ଭାବେ ଜଳେନ୍ଦ୍ର ତ୍ରୀପାଠୀ, ବିଶିଷ୍ଟ ଅତିଥି ରୂପେ କାମାକ୍ଷୀ ପ୍ରସାଦ ପାଢ଼ୀ, ସମ୍ମାନିତ ଅତିଥି ଭାବେ ଅକ୍ଷୟ କୁମାର ପତି ଏବଂ ଉତ୍କଳ ସଂସ୍କୃତ ଶିକ୍ଷକ ସଂଘ କୋରାପୁଟ ଶାଖାର ଅଧ୍ୟକ୍ଷ ମନୋଜ ବେହେରା, ସମ୍ପାଦକ ଜ୍ୟୋତି ରଞ୍ଜନ ନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମରୁ



ଦଶମ ଶ୍ରେଣୀ ଯାଏ ସଂସ୍କୃତ ପାଠ୍ୟକ୍ରମ ରହିବା ଆବଶ୍ୟକ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ନବାଗତ ସଂସ୍କୃତ ଶିକ୍ଷକମାନଙ୍କୁ ସଂଘ ତରଫରୁ ସ୍ୱାଗତ କରାଯାଇଥିଲା। ଜିଲା ସ୍ତରରେ ସଂସ୍କୃତରେ ଶତ ପ୍ରତିଶତ ନମ୍ବର ରଖିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ କୋରାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରମାନେ ଗୀତା ପାଠ କରିଥିଲେ। ଛାତ୍ରୀମାନେ ସଂସ୍କୃତ ଗୀତରେ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଚନ୍ଦ୍ରକାନ୍ତ ରଥ ସଂସ୍କୃତରେ ଭାଷଣ ଦେଇଥିବାବେଳେ ସୂର୍ଯ୍ୟ ନାରାୟଣ ବେହେରା, ସଂସ୍କୃତ ଶିକ୍ଷକ ମହାସଂଘ କୋରାପୁଟ ଶାଖାର ସଭ୍ୟ ନାରାୟଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦେବାଶିଷ ପଣ୍ଡା, ମନୋଜ କୁମାର ମିଶ୍ର, ସୁଧିର କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଆଦିତ୍ୟ ବାହିନୀ ହିନ୍ଦୁ ରାଷ୍ଟ୍ର ସଂଘର ସମନ୍ୱୟ ବୈଠକ

ଗୁଣପୁର,୨୨।୮(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆଦିତ୍ୟ ବାହିନୀ ଏବଂ ହିନ୍ଦୁ ରାଷ୍ଟ୍ର ସଂଘର ବ୍ଲକ ସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଦିତ୍ୟ ବାହିନୀ ଆନନ୍ଦ ବାହିନୀ ପୀଠ ପରିଷଦର ରାଜ୍ୟ ଉପାଧ୍ୟକ୍ଷ ତ୍ରିପତି ମହାନ୍ତିଙ୍କ ତତ୍ତ୍ୱାବଧାନରେହୋଇଥିବା କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଙ୍ଗଠନ ସମ୍ପାଦକ ଜଗଦୀଶ ମିଶ୍ର ଏବଂ କ୍ଷେତ୍ରୀୟ ସମ୍ପାଦକ ଦେବବ୍ରତ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ନଗର ସଭାପତି ତ୍ରିପତି ରଥଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ରାମନାଗୁଡ଼ା, ଗୁଣପୁର ଏବଂ ପଦ୍ମପୁର ଅଞ୍ଚଳର କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ପ୍ରତି ପଞ୍ଚାୟତ ସ୍ତରରେ ହିନ୍ଦୁ ରାଷ୍ଟ୍ର ସଂଘ ଏବଂ ଆଦିତ୍ୟ ବାହିନୀର କମିଟି ଗଠନ କରିବା ସହ ଆଗାମୀ ଦିନରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଘୋଷିତ ହିନ୍ଦୁ ରାଷ୍ଟ୍ର ସଂଘ ଉପରେ ମାର୍ଗଦର୍ଶନ କରାଯିବ। କାର୍ଯ୍ୟକ୍ରମ ପରିଚାଳନା ନିମନ୍ତେ ଏକ କମିଟି ଗଠନ କରାଯାଇଛି। ସଭାପତି ଭାବେ ଉମାଶଙ୍କର ଦାସ, ଉପ ସଭାପତି ଗୁଲା ନାଗଭୂଷଣ ରାଓ, ସମ୍ପାଦକ ଧନଞ୍ଜୟ କୈବର୍ତ୍ତ, ସହ ସମ୍ପାଦକ ସୌଭାଗ୍ୟ ପତିତ, କୋଷାଧ୍ୟକ୍ଷ ବାଳକୃଷ୍ଣ ବେହେରା, ଆବାହକ ବୃନ୍ଦାବନ ଗୌଡ଼, ଉପଦେଷ୍ଟା ଅଶୋକ ଦାସ, ରଣଜିତ ଗମାଙ୍ଗ, ପ୍ରଚାର ସଚିବ ପରିକ୍ଷିତ ଗୌଡ଼, ସେବା ସଚିବ ସିୟ ରମଣ ସେଠୀ, ସାଙ୍ଗଠନିକ ସଚିବ ସୋମନାଥ ମହାନ୍ତି, ତ୍ରିପତି ପଣ୍ଡା, ସାଂସ୍କୃତିକ ସଚିବ ତ୍ରିନାଥ ନାୟକ, କାର୍ଯ୍ୟାଳୟ ସଚିବ ନେତ୍ରାନନ୍ଦ ନାୟକ ଏବଂ ବିଭାଗ ସଙ୍ଗଠନ ସଚିବ ଭାବେ ପ୍ରଦୀପ କୁମାର ପାଢ଼ୀ ଚୟନ ହୋଇଛନ୍ତି।

# ୨୩ ରାତିରୁ ୨୪ ଯାଏ ହେବ ରାମଧୁନ ପରିବେଷଣ

## ୨୪ରେ ପାପଡାହାଣ୍ଡି ଶହୀଦ ମିନାରରେ ଗୁଳିକାଣ୍ଡ ଦିବସ

ନବରଙ୍ଗପୁର,୨୨।୮(ବି.ପ୍ର.)

ଆଦିବାସୀ ଶହୀଦ ସାଂସ୍କୃତିକ ସ୍ମୃତି କେନ୍ଦ୍ର ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ସ୍ୱଗତ ଜଗନ୍ନାଥ ତ୍ରିପାଠୀଙ୍କ ୧୫ତମ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହେବ। ଏହା ସମେତ ନବରଙ୍ଗପୁର ମା' ଘର ନବମ ସ୍ୱନକ୍ଷତ୍ର ଦିବସ ଓ ମାତୃ ଆଶ୍ରୟ ଆଶ୍ରମର ତୃତୀୟ ପ୍ରତିଷ୍ଠା ଦିବସ ନବରଙ୍ଗପୁର ଶାସ୍ତ୍ରୀ ଭବନରେ ମଙ୍ଗଳବାର ଅନୁଷ୍ଠିତ ହେବ। ୨୪ରେ ପାପଡାହାଣ୍ଡି ଶହୀଦ ମିନାରରେ ଗୁଳିକାଣ୍ଡ ଦିବସ ପାଳିତ ହେବ। ସେଠାରେ ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ଚାରଣ କରାଯିବ।

୨୩ ତାରିଖ ଶାସ୍ତ୍ରୀ ଭବନରେ ସକାଳ ୫ଟାରେ ରାମଧୁନ, ୮ଟାରେ ସର୍ବଧର୍ମ ପ୍ରାର୍ଥନା ଓ୧୧ଟାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହେବ। ପାପଡାହାଣ୍ଡି ଶହୀଦ ସ୍ମୃତି କମିଟି ଅଧ୍ୟକ୍ଷ ସୋମନାଥ ବିଶୋଇ ସ୍ୱାଗତ ଭାଷଣ ଦେବାର କାର୍ଯ୍ୟକ୍ରମ ରହିଛି। ମାଆ ଘର ଅଧ୍ୟକ୍ଷା କାଦମ୍ବିନୀ ତ୍ରିପାଠୀ କାର୍ଯ୍ୟକ୍ରମର ସୂଚନା ସହ ମାତୃ ସମ୍ମାନ ଉପସ୍ଥାପନା କରିବେ। ପାପଡାହାଣ୍ଡି ବ୍ଲକର ଶହୀଦ ଆନନ୍ଦ ଗୌଡ଼ଙ୍କ ବଡ଼ବହୁ ରତନି ଗୌଡ଼ (୧୦୨) ଓ ସଂଗ୍ରାମୀ ମାଧବ ପ୍ରଧାନୀଙ୍କ ବଡ଼ ବହୁ ସୋନି ପ୍ରଧାନୀ (୧୦୧)ଙ୍କୁ ମାତୃ ସମ୍ମାନରେ ସମ୍ମାନିତ କରାଯିବ। ସମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ମହାକୁଡ଼ ସମ୍ମାନ ଦହଣା ଗାଁର ରାଜ୍ୟପାଳ ଓ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶରତ ଚନ୍ଦ୍ର ଦାଶଙ୍କୁ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ଜିଲାର ଏସ୍ପି, ବିଧାୟକ, ପୂର୍ବତନ ଏମ୍ପି, ବିଧାୟକ ସମେତ ୩୮ ଜଣ ଆତିଥି ଯୋଗଦେବେ। ଜିଲାର ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଅଗଷ୍ଟ ୨୩ ରାତିରୁ ୨୪ ତାରିଖ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ରାମଧୁନ ପରିବେଷଣ କରାଯିବ। ଶହୀଦ ମଶାଲକୁ ୨୪ ତାରିଖ ସକାଳ ୮ଟାରେ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ପାପାଡାହାଣ୍ଡି ଅଭିମୁଖେ ନିଆଯିବ। ଶାସ୍ତ୍ରୀ ଭବନରୁ ପୁରୁଣା ମଣ୍ଡେଇ ପଡିଆ ପର୍ଯ୍ୟନ୍ତ ପଦଯାତ୍ରାରେ ମଶାଲ ପହଞ୍ଚିବ। ସେଠାରୁ ଗାଡ଼ିରେ ପାପଡାହାଣ୍ଡି ପର୍ଯ୍ୟନ୍ତ ଯିବ ବୋଲି ଆଦିବାସୀ ଶହୀଦ ସାଂସ୍କୃତିକ ସ୍ମୃତି କମିଟି ରାଜ୍ୟ ସଭାପତି ମୁନା ତ୍ରିପାଠୀ ଓ ମା' ଘର ଅଧ୍ୟକ୍ଷା କାଦମ୍ବିନୀ ତ୍ରିପାଠୀ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସୁବାସ ସୁର, ସର୍ବେଶ୍ୱର ପାତ୍ର, ବାସୁଦେବ ପଟ୍ଟନାୟକ, ପ୍ରଭାତୀ ପାତ୍ର, ଗଣେଶ ଦାଶ, ଅବସରପ୍ରାପ୍ତ ପ୍ରାଧାପକ ବିଜୟ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ କାର୍ଯ୍ୟକ୍ରମ ସମ୍ପର୍କରେ ଅତିଥି ସୂଚନା ଦେଉଛନ୍ତି।

# ୟୁବ ବିଜେଡି ପକ୍ଷରୁ ଚାରାରୋପଣ

ରାୟଗଡ଼ା ଅଫିସ,୨୨।୮

ରାୟଗଡ଼ା ଜିଲା କୋଲନରା ବ୍ଲକରେ ଜିଲା ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ଜିଲା ଯୁବ ସଭାପତି ଦେବାଶିଷ ଖାଡ଼ଙ୍ଗାଙ୍କ ନେତୃତ୍ୱରେ ଚାରାରୋପଣ କାର୍ଯ୍ୟକ୍ରମ ସ୍ଥାନୀୟ ବ୍ରାହ୍ମଣସାହି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଇନ ଏବଂ ଅନୁସୂଚିତ ଜାତି, ଜନଜାତି କଲ୍ୟାଣ ତଥା ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କୋଲନରା ବ୍ଲକ 'କ' ଜୋନ୍ ଜିଲା ପରିଷଦ ସଭ୍ୟ ଇପିଲି ଧବଳେଶ୍ୱର ନାଇଡୁ, କୋଲନରା ବ୍ଲକ ଅଧ୍ୟକ୍ଷା ସଞ୍ଜୁକ୍ତା କୁଲେଶିକା, ବଡ଼ ଦଖିଲାପଦର ସରପଞ୍ଚ ମାଦାରାଓ କଣ୍ଡାଗରୀ, ଖେଡାପଡ଼ା ସରପଞ୍ଚ ନରସିଂହ କିଲାକା, କୋଲନରା ସରପଞ୍ଚ ପ୍ରମୋଦ କଣ୍ଡାଗରୀ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ଯୁବ ବିଜେଡିର ସମ୍ପାଦକ ଜ୍ୟୋତି ପ୍ରସାଦ ସାହୁ, ଛାତ୍ର ବିଜେଡିର ରାଜ୍ୟ ସମ୍ପାଦକ ବିନାୟକ ପଲାଇ, ଜିଲା ଯୁବ ବିଜେଡିର ଉପସଭାପତି ଜଗନ୍ନାଥ ଦୋରାଙ୍କ ସମେତ କୋଲନରା ଅଞ୍ଚଳର ନେତା, କର୍ମୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲା ଯୁବ ବିଜେଡିର ଉପସଭାପତି ଜଗନ୍ନାଥ ଦୋରା ପରିଚାଳନା କରିଥିଲେ।

# ବର୍ଷାରେ ମାଓବାଦୀଙ୍କ ମୁକାବିଲା ନେଇ ଗୁରୁମନ୍ତ୍ର ଦେଲେ

## ବିଏସ୍ଏଫ୍ ଆଇଜିଙ୍କ କୋରାପୁଟ ଗସ୍ତ

କୋରାପୁଟ,୨୨।୮(ସ୍ୱ.ପ୍ର.)

ବିଏସ୍ଏଫ୍ ଆଇଜି ସତୀଶ ଚନ୍ଦ୍ର ବୁଡାକୋଟି ସୋମବାର କୋରାପୁଟ ଜିଲା ଗସ୍ତରେ ଆସି ମାଓବାଦୀଙ୍କ ମୁକାବିଲା ନେଇ ଯବାନଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ବିଶେଷ କରି ଅବିଭକ୍ତ କୋରାପୁଟ ଜିଲାରେ ବର୍ଷା ଋତୁରେ ମାଓବାଦୀ ବିରୋଧି ଅପରେଶନ କିପରି କରାଯିବ, ମାଓବାଦୀଙ୍କ ଗତିବିଧି ଉପରେ କିପରି ନଜର ରଖାଯିବ ସେ ନେଇ ଆଲୋଚନା କରିଥିଲେ। ଏଥିସହ ସେ ଆଇଜି ମଦନଲାଲ, କୋରାପୁଟ ସେକ୍ଟର ବିଏସ୍ଏଫ୍ ଡିଆଇଜିଙ୍କ ସମେତ ବିଏସ୍ଏଫ୍‌ର ବହୁ ପଦସ୍ଥ ଅଧିକାରୀଙ୍କ ସହ ସାକ୍ଷାତ କରି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ବିଏସ୍ଏଫ୍ ଓଡ଼ିଶା-ଆନ୍ଧ୍ର ସୀମାରେ ସୁରକ୍ଷା ବ୍ୟବସ୍ଥା ଉପରେ ନଜର ରଖିଛି ବୋଲି ସେ କହିଥିଲେ। ପରେ କୋରାପୁଟ, କୁମ୍ଭାରିପୁଟ, କୁମ୍ଭାରୀ, ବନ୍ଧୁଗାଁ, ନାରାୟଣପାଟଣା, ପୋଡ଼ାପଦର, ପାଲୁର ଓ ଲକ୍ଷ୍ମୀପୁରରେ ଥିବା ବିଏସ୍ଏଫ୍ କ୍ୟାମ୍ପ ପରିଦର୍ଶନ କରି ଯବାନମାନଙ୍କୁ ଉତ୍ସାହିତ କରିଥିଲେ।




ବିଏସ୍ଏଫ୍ ଆଇଜି ସତୀଶ ଚନ୍ଦ୍ର ବୁଡାକୋଟି ଅନ୍ୟ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି ।

# ବାଇକ୍-ପିକ୍‌ଅପ ଦୁର୍ଘଟଣାଗ୍ରସ୍ତ, ଜଣେ ଗୁରୁତର

ଦୁର୍ଗୀ,୨୨।୮(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଦୁର୍ଗୀ ଜଗନ୍ନାଥ ମନ୍ଦିର ନିକଟସ୍ଥ ୪୬ ନଂ. ରାଜ୍ୟ ରାଜପଥରେ ସୋମବାର ଏକ ବାଇକ୍ ଏବଂ ମାଛ ଯାଆଁଳ ବୋଝେଇ ପିକ୍‌ଅପ ମଧ୍ୟରେ ଦୁର୍ଘଟଣା ଘଟି ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ରାମନାଗୁଡ଼ା ବ୍ଲକ ରୁଗୁଡୁବାଇ ଗ୍ରାମର ପ୍ରଦୀପ ଗୁଡ୍‌ଲା। ସୂଚନା ଅନୁଯାୟୀ, ପ୍ରଦୀପ ବାଇକ୍(ଓଡି ୧୮ ଡି ୧୧୬୩) ଯୋଗେ କୌଣସି କାମରେ ଆସିଥିବାବେଳେ ତାଙ୍କୁ ଏକ ପିକ୍‌ଅପ ଧକ୍କାଦେଇ ଚାଲିଯାଇଥିଲା। ସ୍ଥାନୀୟ ଲୋକେ ପ୍ରଦୀପଙ୍କୁ ଗୁରୁତର ଅବସ୍ଥାରେ ଦୁର୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୋମବାର ସାପ୍ତାହିକ ହାଟ ଯୋଗୁ ପ୍ରବଳ ଭିଡ଼ ରହିଥିଲା। ତଥାପି ପିକ୍‌ଅପଟି ଧକ୍କାଦେଇ ଫେରାର ହେବାରେ ସଫଳ ହୋଇଥିଲା। ସ୍ଥାନୀୟ ଲୋକେ ଦୁର୍ଘଟଣା ଦେଖି ବିଷମକଟକ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

# କୃଷକ ଓଡ଼ିଶା ପୋର୍ଟାଲରେ ୩୬ ନାମ ପଞ୍ଜୀକରଣ

ଗୁଡାରି,୨୨।୮(ଡି.ଏନ୍.ଏ.)

ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ସୋମବାର ରାୟଗଡ଼ା ଜିଲା ଗୁଡ଼ାରିସ୍ଥିତ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରଠାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃଷକ ଓଡ଼ିଶା ପୋର୍ଟାଲରେ ନାମ ପଞ୍ଜୀକରଣ, ଇ-କେୱାଇସି, ପିଏମ୍-କିଷାନ ଅପଡେଶନ ବିଷୟରେ ଏକ ଶିବିରର ଆୟୋଜନ କରାଯାଇଥିଲା। ଏଥିରେ କର୍ଲାଘାଟି ପଞ୍ଚାୟତର ଡାହାଣୀ, କଣ୍ଡାକୁଟି ଓ ଖାରୀଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଉର୍ଲକଣା, କିଞ୍ଜିରି ଗ୍ରାମର ଶତାଧିକ ଚାଷୀ ଯୋଗଦେଇଥିଲେ। ମୋ ସେବାକେନ୍ଦ୍ରର ସଦସ୍ୟଙ୍କ ସହାୟତାରେ କୃଷକ ଓଡ଼ିଶାରେ ୩୬ ଜଣଙ୍କ ନାମ ପଞ୍ଜୀକରଣ ଓ ନବୀକରଣ କରାଯାଇଥିଲା। ଗୁଡାରି ଭାରପ୍ରାପ୍ତ ସହକାରୀ କୃଷି ଅଧିକାରୀ ମୃତ୍ୟୁଞ୍ଜୟ ଦେଓ, ମାର୍କଣ୍ଡ ଗୌଡ଼, ସ୍ୱର୍ଣ୍ଣଲତା ପାଣିଗ୍ରାହୀ, ପ୍ରତ୍ୟୁଷ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ସିଟ୍ରାନ୍ କନ୍‌ସଲଟାଣ୍ଟ ଲିମିଟେଡର ପ୍ରୋଗ୍ରାମ ଫାସିଲିଟେଟର ପ୍ରମୋଦ କୁମାର ପତି ଉପସ୍ଥିତ ରହି କ୍ଷେତରେ ଜୈବିକ ସାର ପ୍ରୟୋଗ ଓ ମୃତ୍ତିକା ପରୀକ୍ଷା ସମ୍ପର୍କରେ ଉପସ୍ଥିତ ଚାଷୀଙ୍କ ସହ ଆଲୋଚନା କରିଥିଲେ। ମୃତ୍ୟୁଞ୍ଜୟ ଦେଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା।




ଅଧିକାରୀମାନେ ଚାଷୀଙ୍କୁ ସଚେତନ କରୁଛନ୍ତି ।

